ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୦ ଡିସେମ୍ବର, ୨୦୧୯



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା ।
- ଲେନିନ୍



## ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ ପକ୍ଷରୁ ସ୍କୁଲସ୍ତରୀୟ ବିଜ୍ଞାନମେଳା, ସରକାରୀ ଉଚ୍ଚ ବିଦ୍ୟାଳୟ ଓ ବାଳିକା ଉଚ୍ଚ ବିଦ୍ୟାଳୟ, ୟୁନିଟ-୧, ସକାଳ ୯ଟା।
- ଶ୍ରୀଅରବିନ୍ଦ ସଂସ୍କୃତି ସଂସଦର ସ୍ୱର୍ଣ୍ଣ ଜୟନ୍ତୀ ଓ ଶିକ୍ଷା ସମ୍ବନ୍ଧୀୟ ସମ୍ମିଳନୀ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃବିହାର, ଖଣ୍ଡଗିରି, ସକାଳ ୯ଟା ୩୦।
- ମମତା ଅନୁଷ୍ଠାନ ପକ୍ଷରୁ ମାନବାଧିକାର ଦିବସ ପାଳନ, ସିୱାଇଏସ୍‌ଡି-ଡେଭଲପମେଣ୍ଟ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ ସେଣ୍ଟର, ଜାଭିୟର ଛକ, ସକାଳ ୯ଟା ୩୦।
- କଲେଜ ଅଫ ଏଗ୍ରିକଲଚର ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ପକ୍ଷରୁ ୧୧ତମ ବାର୍ଷିକ କର୍ମଶାଳା, ବିଜୁ ପଟ୍ଟନାୟକ ହଲ, ଓୟୁଏଟି, ପୂର୍ବାହ୍ନ ୧୦ଟା।
- ଲିଟିଲ ଷ୍ଟାର ଗ୍ରୁପ୍‌ର ଭାବ ବିନିମୟ କାର୍ଯ୍ୟକ୍ରମ, ୧୧୩-ଏ, ସୂର୍ଯ୍ୟ ନଗର, ପୂର୍ବାହ୍ନ ୧୦ଟା।
- ମହିଳା ଶ୍ରମଜୀବୀ ମଞ୍ଚ ପକ୍ଷରୁ ଗଣଧାରଣା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୦ଟା ୩୦।
- ସେଣ୍ଟର ଫର୍ ଚାଇଲ୍ଡ ଆଣ୍ଡ ଓମେନ ଡେଭଲପମେଣ୍ଟ ଓ ଆକ୍ସନ ଆଡର ମିଳିତ ଆନୁକୂଲ୍ୟରେ କର୍ମଶାଳା, ରେଡକ୍ରସ ଭବନ, ପୂର୍ବାହ୍ନ ୧୧ଟା।
- ଜାତୀୟ ଦଳିତ ଆଦିବାସୀ ମହାସଂଘ ପକ୍ଷରୁ ପଦଯାତ୍ରା, ମାଷ୍ଟରକ୍ୟାଣ୍ଟିନ ଛକ, ପୂର୍ବାହ୍ନ ୧୧ଟା ୩୦।
- ଏଏମ୍‌ଓଏଫଓଆଇର ୩୯ତମ ବାର୍ଷିକଉତ୍ସବ, ଓଡ଼ିଶା ରେଡକ୍ରସ ଭବନ, ଅପରାହ୍ନ ୨ଟା।
- ମିସେସ୍ ଇଣ୍ଡିଆ ୟୁନିଭର୍ସର ବିଜେତା ସୋନାଲି ରାଜ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ସମାରୋହ, ଦି ପ୍ରେସ କ୍ଲବ ଅଫ ଓଡ଼ିଶା, ଅପରାହ୍ନ ୩ଟା ୪୫।
- ଓଡ଼ିଶା ଚୁଡେର ୧୬ତମ ବାର୍ଷିକ ଉତ୍ସବ ଓ ପୁସ୍ତକ ଉନ୍ମୋଚନ, ହୋଟେଲ କେଶରୀ, ଅପରାହ୍ନ ୪ଟା ୩୦।
- ବିଶ୍ୱ ମାନବାଧିକାର ଦିବସ ଓ 'ମାନବିକ ବିଚାର କଥା' ଷଷ୍ଠ ବାର୍ଷିକ ଉତ୍ସବ, ରୋଟାରୀ ଭବନ, ୟୁନିଟ-୯, ଅପରାହ୍ନ ୫ଟା ୩୦।
- ସୁର ତରଙ୍ଗର ୨୬ତମ ବାର୍ଷିକ ଉତ୍ସବରେ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ସଂକଳ୍ପ କ୍ଲାସିକାଲ ଡ୍ୟାନ୍ସ ଫେଷ୍ଟିଭାଲ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

### କଟକ

- ରାଷ୍ଟ୍ରୀୟ ମାନବାଧିକାର ପରିଷଦ ଓଡ଼ିଶା ଶାଖା ପକ୍ଷରୁ ୭୧ତମ ଅନ୍ତର୍ଜାତୀୟ ମାନବାଧିକାର ଦିବସ, ହୋଟେଲ ଶୀତଲ, ସନ୍ଧ୍ୟା ୭ଟା।

### ପୁରୀ

- ଅତିବଡ଼ୀ ଚେତନା ଚକ୍ର ପକ୍ଷରୁ ଗୀତାଜ୍ଞାନ ଆଲୋଚନାଚକ୍ର, ସାଲବେଗ ପୀଠ, ଅପରାହ୍ନ ୩ଟା।

### ଖୋର୍ଦ୍ଧା

- ଗୁରୁଜଙ୍ଗ କପ କ୍ରିକେଟର ୩ୟ ଲିଗ୍ ମ୍ୟାଚ ନଁପୁଟ ବନାମ କାଇପଦର, ଗୁରୁଜଙ୍ଗ ଖେଳପଡିଆ, ମଧ୍ୟାହ୍ନ ୧୨ଟା।

### ବାଲିଅନ୍ତା

- ଶ୍ରୀ ମହାବୀରଙ୍କ ବିଶ୍ୱଶାନ୍ତି ମହାଯଜ୍ଞ, ବେଣୁପୁର ମହାବୀର ମନ୍ଦିର ନିକଟ, ସକାଳ ୯ଟା।

# ଖୁବ୍‌ଶୀଘ୍ର ଖୋଲିବ ପାଠାଗାର ନିର୍ଦ୍ଦେଶାଳୟ

**'ଅକ୍ଷର'ର ଚତୁର୍ଥ ସନ୍ଧ୍ୟା**

ଭୁବନେଶ୍ୱର,୯।୧୨(ବ୍ୟୁରୋ)



ଛାପାଖାନାର ଆଗମନ ପରେ ଓଡ଼ିଶାର ଜ୍ଞାନଭଣ୍ଡାର ସାଧାରଣ ପାଠକ ପାଖରେ ପହଞ୍ଚିଥିଲା । ଧୀରେ ଧୀରେ ପାଠାଗାର ନିମନ୍ତେ ଆଗ୍ରହ ସୃଷ୍ଟି ହେବାରୁ ୧୯୭୨ରେ ଓଡ଼ିଶା ବିଧାନସଭାରେ ପାଠାଗାର ବିଲ୍ ଆଗତ ହୋଇଥିଲା । ୨୦୦୧ରେ ଓଡ଼ିଶା ସରକାର ପାଠାଗାର ଆଇନ ପ୍ରଣୟନ କରିଥିଲେ । ତେବେ ଓଡ଼ିଶାରେ ପାଠାଗାର ସଂସ୍କୃତିର ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଖୁବ୍‌ଶୀଘ୍ର ଏକ ପାଠାଗାର ନିର୍ଦ୍ଦେଶାଳୟ ଖୋଲିବାକୁ ଯାଉଥିବା ସୂଚନା ଦେଇଛନ୍ତି ରାଜ୍ୟ ସରକାରଙ୍କ ପରାମର୍ଶଦାତା, ବରିଷ୍ଠ ପ୍ରଶାସକ ତଥା ଲେଖକ ଆର୍. ବାଲକ୍ରିଷ୍ଣନ୍ । ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ 'ଅକ୍ଷର'ର ଚତୁର୍ଥ ସନ୍ଧ୍ୟାରେ ଆୟୋଜିତ ସାରସ୍ୱତ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବାଲକ୍ରିଷ୍ଣନ୍ କହିଥିଲେ, ପୁସ୍ତକ ପଠନକୁ ଏକ ଆନ୍ଦୋଳନରେ ପରିଣତ କରିବାକୁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି । ଭବିଷ୍ୟତ ପିଢ଼ି ନିକଟରେ ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ଓଡ଼ିଆ ପୁସ୍ତକ ପହଞ୍ଚାଇବାକୁ ଓଡ଼ିଆ ଭର୍ଚୁଆଲ୍ ଏକାଡେମୀ ପ୍ରସ୍ତୁତ କରାଯାଇଛି । ଓଡ଼ିଆ ଭର୍ଚୁଆଲ୍ ଏକାଡେମୀର ବିଭିନ୍ନ ତଥ୍ୟ ଓ ବିବରଣୀ ବିଶ୍ୱର ୫୩ ଦେଶର ଲୋକଙ୍କ ପାଖରେ ଉପଲବ୍ଧ ହୋଇଥିବା ସେ ସୂଚନା ଦେଇଥିଲେ । ଏହାସହ ରାଜ୍ୟ ପୁସ୍ତକ ମହୋତ୍ସବ ଖୁବ୍‌ଶୀଘ୍ର 'ଜାତୀୟ ବହି ମେଳା'ର ମାନ୍ୟତା ଅର୍ଜନ କରିବ ବୋଲି ସେ ମତ ଦେଇଥିଲେ ।

କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପ୍ରସିଦ୍ଧ ହିନ୍ଦୀ ଲେଖିକା ଚିତ୍ରା ମୁଦ୍‌ଗଲ୍ ଯୋଗଦେଇ ମଣିଷ ଜୀବନରେ ପୁସ୍ତକର ଆବଶ୍ୟକତା ସମ୍ପର୍କରେ କହିଥିଲେ । ସ୍ୱାଧୀନତାର ୭ ଦଶନ୍ଧି ପରେ ମଧ୍ୟ ଦେଶରେ ପୁସ୍ତକ ସଂସ୍କୃତିର ବିକାଶ ହୋଇ ନ ଥିବାବେଳେ ଓଡ଼ିଶା ସରକାର ଏ ଦିଗରେ ଗୁରୁତ୍ୱ ଦେବା ଜରୁରୀ ବୋଲି ସେ କହିଥିଲେ । ଗମ୍ଭୀର ସାହିତ୍ୟ ପ୍ରତି ନୂଆ ପିଢ଼ିର ବିମୁଖତା ଲକ୍ଷ୍ୟ କରି ଆମ ମୌଳିକତା ସହ ଇଂଲିଶ ଭାଷାର କୌଣସି ନେଣଦେଣ ନାହିଁ । ସୋସିଆଲ୍ ମିଡ଼ିଆରେ ଆଜିର ପିଢ଼ି ନିଜ ସାହିତ୍ୟର ପ୍ରସାର ଘଟାଉଥିଲେ ମଧ୍ୟ ଭାଷାଗତ ଶୁଦ୍ଧତା ହରାଇଛନ୍ତି । ଗୀତଗୋବିନ୍ଦ, ଶାରଳା ମହାଭାରତ ଭଳି ଗ୍ରନ୍ଥରେ ଭାଷାର ଶୁଦ୍ଧତା ଉପରେ ଯେପରି ଗୁରୁତ୍ୱ ଦିଆଯାଇଛି ଆଜିର ପ୍ରକାଶକମାନେ ସେଭଳି ଶୁଦ୍ଧତା ରକ୍ଷା ପାଇଁ ପ୍ରଯତ୍ନ ହେବା ଆବଶ୍ୟକ ବୋଲି ସେ କହିଥିଲେ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ଲଳିତ କଳା ଏକାଡେମୀ ସଭାପତି ସୁଦର୍ଶନ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ନିର୍ଦ୍ଦେଶକ ବିଜୟ କୁମାର ନାୟକ ବିଭାଗ ଦ୍ୱାରା କରାଯାଇଥିବା ବିଭିନ୍ନ ଅନୁବାଦ ଗ୍ରନ୍ଥ ସମ୍ପର୍କରେ ସୂଚନା ଦେଇଥିଲେ । ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଏବଂ ରେଣୁକା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।





ରାଷ୍ଟ୍ରୀୟ ଲଳିତକଳା ଏକାଡେମୀରେ ଆରମ୍ଭ ହୋଇଥିବା ଫଟୋଚିତ୍ର ପ୍ରଦର୍ଶନୀ 'ଚିତ୍ରବର୍ଣ୍ଣାଳୀ'କୁ ଲୋକେ ବୁଲି ଦେଖୁଛନ୍ତି ।

# ଫଟୋଚିତ୍ର ପ୍ରଦର୍ଶନୀ 'ଚିତ୍ରବର୍ଣ୍ଣାଳୀ' ଉଦ୍‌ଘାଟିତ

ଭୁବନେଶ୍ୱର,୯।୧୨(ବ୍ୟୁରୋ)



ଉତ୍କଳ ଫଟୋଗ୍ରାଫି କ୍ଲବ୍‌ର ଦ୍ୱିତୀୟ ବାର୍ଷିକ ଫଟୋଚିତ୍ର ପ୍ରଦର୍ଶନୀ 'ଚିତ୍ରବର୍ଣ୍ଣାଳୀ ୨୦୧୯' ସୋମବାର ରାଷ୍ଟ୍ରୀୟ ଲଳିତକଳା ଏକାଡେମୀ ପରିସରରେ ଉଦ୍‌ଘାଟିତ ହୋଇଯାଇଛି । ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଦର୍ଶନୀରେ କ୍ଲବ୍‌ର ସଦସ୍ୟମାନଙ୍କ ଦ୍ୱାରା ଉତ୍ତୋଳନ କରାଯାଇଥିବା ଶ୍ରେଷ୍ଠ ଫଟୋଚିତ୍ରଗୁଡ଼ିକ ପ୍ରଦର୍ଶିତ ହୋଇଛି । ପ୍ରକୃତି, ବନ୍ୟଜନ୍ତୁ, ରାସ୍ତାଘାଟ, କ୍ୟାଣ୍ଡିଡ୍ ପ୍ରୋଟ୍ରେଟ୍, ଟ୍ରାଭେଲ୍ ଓ ଲ୍ୟାଣ୍ଡସ୍କେପ୍ ଭଳି ଥିମ୍‌କୁ ନେଇ କ୍ଲବ୍‌ର ୨୫ ସଦସ୍ୟଙ୍କ ଦ୍ୱାରା ଉତ୍ତୋଳିତ ମୋଟ ୧୦୦ ଫଟୋଚିତ୍ର ଏଠାରେ ପ୍ରଦର୍ଶନ କରାଯାଇଛି । ଏହାବ୍ୟତୀତ କ୍ଲବ୍‌ର ସଭାପତି ତଥା ମେଣ୍ଟର୍ ଶ୍ରୀକ୍ରିଷ୍ଣା ଦାଶଙ୍କ ଦ୍ୱାରା ଉଠାଯାଇଥିବା ମଧ୍ୟପ୍ରଦେଶର ବାନ୍ଧବଗଡ଼ ଜାତୀୟ ଉଦ୍ୟାନର ଆକର୍ଷଣୀୟ ଫଟୋଚିତ୍ର ଏଠାକାର ଏକ ସ୍ୱତନ୍ତ୍ର କର୍ନରରେ ପ୍ରଦର୍ଶିତ ହୋଇଛି । କାର୍ଯ୍ୟକ୍ରମରେ ଅତିଥିଭାବେ ଜଣାଶୁଣା କଳାକାର ବିଶ୍ୱରୂପ ମିଶ୍ର, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ଏମ୍‌ଡି ହେମାକାନ୍ତ ସାଏ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ବିଭିନ୍ନ ସ୍କୁଲ୍, କଲେଜ ଛାତ୍ରୀଛାତ୍ରଙ୍କ ସହ ଫଟୋଚିତ୍ରରେ ଆଗ୍ରହ ରଖୁଥିବା ଯୁବବର୍ଗ ଏବଂ ସାଧାରଣ ଜନତା ପ୍ରଦର୍ଶନୀ ବୁଲି ଦେଖିଥିଲେ । ପ୍ରତ୍ୟହ ପୂର୍ବାହ୍ନ ୧୧ଟା ୩୦ରୁ ସନ୍ଧ୍ୟା ୭ଟା ୩୦ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ସର୍ବସାଧାରଣଙ୍କ ନିମନ୍ତେ ଖୋଲାରହିବ ।

# ପରିବହନ କାର୍ଯ୍ୟାଳୟ କମ୍ପ୍ୟୁଟର ଅପରେଟରଙ୍କ ଆନ୍ଦୋଳନ ଧମକ

ଭୁବନେଶ୍ୱର, ୯।୧୨(ବ୍ୟୁରୋ)

ରାଜ୍ୟର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ ରାଜ୍ୟ ପରିବହନ ଆୟୋଗ କାର୍ଯ୍ୟାଳୟରେ କାର୍ଯ୍ୟରତ ଇ-ଗଭର୍ନାନ୍ସ ଅଧୀନ କମ୍ପ୍ୟୁଟର ଅପରେଟରମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ସଂଘର ସଭାପତି ହେମନ୍ତ କୁମାର ପଣ୍ଡା କହିଛନ୍ତି, କମ୍ପ୍ୟୁଟର ଅପରେଟରମାନେ ୧୩ବର୍ଷ ହେବ ସୁଚାରୁ ରୂପେ କାର୍ଯ୍ୟ କରୁଛନ୍ତି । ମାତ୍ର ସରକାର ଚାକିରୀର ସ୍ଥାୟିତ୍ୱ ନେଇ କୌଣସି ପଦକ୍ଷେପ ନ ନେବା ଦୁର୍ଭାଗ୍ୟଜନକ । ଗତ ସେପ୍ଟେମ୍ବରରେ ନୂଆ ମୋଟର ଯାନ ଆଇନ ଲାଗୁ ହେବା ପରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ପ୍ରବଳ ଭିଡ଼ ହୋଇଥିଲା । ସରକାରଙ୍କ ନିର୍ଦ୍ଦେଶକ୍ରମେ ୧୨ରୁ ୧୪ ଘଣ୍ଟା କଠିନ ପରିଶ୍ରମ କରି ଲୋକଙ୍କୁ ସେବା ଯୋଗାଇଥିଲେ । ତଥାପି ସରକାର ରାଜ୍ୟରେ କାର୍ଯ୍ୟ କରୁଥିବା ୩୧୦ କଣ୍ଟ୍ରାକ୍ଟୁଆଲ କମ୍ପ୍ୟୁଟର ଅପରେଟରଙ୍କ ବିଷୟରେ କୌଣସି ବିଚାର କରି ନାହାନ୍ତି । ମନ୍ତ୍ରୀ, ପ୍ରମୁଖ ସଚିବ, କମିଶନର ଓ ମୁଖ୍ୟମନ୍ତ୍ରୀଙ୍କୁ ଦେଖାକରି ଦାବି ଉପସ୍ଥାପନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନି । ଆଗାମୀ ଏକ ମାସ ଭିତରେ ସରକାର ଦାବି ପୂରଣ ନ କଲେ ସଂଘ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ସେ ସୂଚନା ଦେଇଛନ୍ତି ।

**ପୁରୀ ପୋଲିସ କ୍ୱାର୍ଟର୍ସରେ ଗଣବଳାତ୍କାର ଘଟଣା**

# ଭୁବନେଶ୍ୱରରୁ ଦମ୍ପତି ଗିରଫ

ପୁରୀ ଅଫିସ, ୯।୧୨

ପୁରୀ ପୋଲିସ କ୍ୱାର୍ଟର୍ସରେ ନାବାଳିକାଙ୍କୁ ଗଣବଳାତ୍କାର ଘଟଣାରେ କୁମ୍ଭାରପଡ଼ା ପୋଲିସ ସୋମବାର ଭୁବନେଶ୍ୱରରୁ ଏକ ଦମ୍ପତିଙ୍କୁ ଗିରଫ କରିଛି । ସମ୍ପୃକ୍ତ ଦମ୍ପତି ହେଲେ ରଞ୍ଜିତ ପରିଡ଼ା ଓ ତାଙ୍କ ସ୍ତ୍ରୀ ସୌମ୍ୟା ଶେଫାଳି । ରଞ୍ଜିତଙ୍କ ନାମରେ ଯୁବତୀ ଚାଲାଣ ଅଭିଯୋଗରେ ଭୁବନେଶ୍ୱର ମହିଳା ଥାନାରେ ଦଫା ୩୪୧, ୩୨୩, ୨୯୪, ୩୫୪, ୫୦୬, ୩୭୯, ୩୪ ଆଇପିସି, ୩, ୪, ୫, ୭ ଆଇଟିପି ଆକ୍ଟ ଏବଂ ଆଟ୍ରୋସି ଆକ୍ଟରେ ଏକ ମାମଲା (ନଂ. ୯୪/୧୮) ରହିଛି । ଜିତେନ୍ଦ୍ର ସେଠୀ (ବହିଷ୍କୃତ କନଷ୍ଟେବଳ) ନୁହେଁ ବରଂ ଏହି ଦମ୍ପତି ପୋଲିସ କ୍ୱାର୍ଟର୍ସ ଗଣବଳାତ୍କାର ଘଟଣାର ମୁଖ୍ୟ ଅଭିଯୁକ୍ତ ବୋଲି ସୋମବାର ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି । ସେହିପରି ବର୍ତ୍ତମାନ ସୁଦ୍ଧା ଏହି ମାମଲାରେ ମୋଟ ୬ଜଣଙ୍କୁ ଗିରଫ କରାଗଲାଣି । ପୂର୍ବରୁ ଘଟଣା ଦିନ ଅର୍ଥାତ୍ ୨ତାରିଖରେ ୩ଜଣ ଏବଂ ୬ରେ ରାମଚନ୍ଦ୍ର ପ୍ରଧାନ ଏବଂ ୮ତାରିଖରେ ବୁଲୁ ବାରିକଙ୍କୁ ଗିରଫ କରାଯାଇଥିଲା । ୨୦ଦିନ ମଧ୍ୟରେ ଚାର୍ଜଶିଟ୍ ପ୍ରସ୍ତୁତ ସହ ପୀଡ଼ିତାଙ୍କୁ କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ । ଅଧିକ ପଚରାଉଚରା ଲାଗି ଜିତେନ୍ଦ୍ର ଓ ରାଜେଶଙ୍କୁ ରିମାଣ୍ଡରେ ଆଣିବା ଲାଗି ଖୁବ୍‌ଶୀଘ୍ର କୋର୍ଟରେ ଆବେଦନ କରାଯିବ ବୋଲି ଏସ୍‌ପି ଦାଶ ସୂଚନା ଦେଇଛନ୍ତି ।

## ଜିତେନ୍ଦ୍ର ନୁହେଁ, ଦମ୍ପତି ମୁଖ୍ୟ ଅଭିଯୁକ୍ତ: ଏସ୍‌ପି



ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଜିତେନ୍ଦ୍ର ବୋଲି ପୋଲିସ ପୂର୍ବରୁ ଦର୍ଶାଇଥିବାବେଳେ ଏବେ ଉକ୍ତ ଦମ୍ପତିଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଅଭିହିତ କରିଛି । ଫଳରେ ପୂରା ଘଟଣା ରହସ୍ୟ ଘେରକୁ ଟାଣି ହୋଇଯାଇଛି । ପୋଲିସ ସୂଚନା ଅନୁଯାୟୀ, ପୀଡ଼ିତାଙ୍କୁ ଅଭିଯୁକ୍ତ ଦମ୍ପତି ଭୁବନେଶ୍ୱରରୁ ପୁରୀ ଆଣିଥିଲେ । ପରେ ତାଙ୍କୁ ପୋଲିସ କ୍ୱାର୍ଟର୍ସରେ ଗଣବଳାତ୍କାର କରାଯାଇଥିଲା । ତାଙ୍କ ଅଭିଯୋଗ କ୍ରମେ କୁମ୍ଭାରପଡ଼ା ଥାନାରେ ୬ ପୋକ୍‌ସୋ ଆକ୍ଟରେ କେସ୍ ନଂ. ୩୦୮/୧୯ ରୁଜୁ ହୋଇଥିଲା ।

### ଘଟଣାରେ ଖବରଦାତା ଓ ଯବାନ ସମ୍ପୃକ୍ତ

ରଞ୍ଜିତ ନିଜକୁ ଖବରଦାତା ବୋଲି ପରିଚୟ ଦେଇଥିବାବେଳେ ବୁଲୁ ସିଆର୍‌ପିଏଫ୍‌ରେ ଯବାନ ଥିବା କହିଛନ୍ତି । ବୁଲୁ ସିଆର୍‌ପିଏଫ୍ ଯବାନ କି ନୁହେଁ, ତାହାର ତଦନ୍ତ ଜାରି ରହିଛି । ଏ ନେଇ ସିଆର୍‌ପିଏଫ୍ ଅଫିସ୍‌କୁ ଚିଠି ଲେଖାଯିବ । କୌଣସି ର୍ୟାକେଟ ସହ ତାଙ୍କର ସମ୍ପୃକ୍ତି ରହିଛି କି ନାହିଁ ତାହାର ତଦନ୍ତ କରାଯିବ ବୋଲି ଏସ୍‌ପି ଦାଶ ପ୍ରକାଶ କରିଛନ୍ତି ।

### କାର୍ ନୁହେଁ ସ୍କୁଟିରେ ଆସିଥିଲେ

ଘଟଣା ଦିନ ଅର୍ଥାତ୍ ୨ତାରିଖରେ ନିମାପଡ଼ାରୁ କାର ଯୋଗେ ପୁରୀ ଆସିଥିବା ନେଇ ପୀଡ଼ିତା ଗଣମାଧ୍ୟମକୁ ବୟାନ ଦେଇଥିଲେ । ଏହି କାର୍‌କୁ ନେଇ ସନ୍ଦେହ ଲାଗି ରହିଥିବାବେଳେ ଏସ୍‌ପି ଏହାର ପର୍ଦ୍ଦାଫାଶ୍ କରିଛନ୍ତି । ସେ କହିଛନ୍ତି, ତାଙ୍କୁ କାର୍ ନୁହେଁ ବରଂ ଏକ ନାଲି ରଙ୍ଗର ସ୍କୁଟିରେ ସମ୍ପୃକ୍ତ ଦମ୍ପତି ପୁରୀ ଆଣିଥିଲେ । ପିପିଲି ଟୋଲ୍‌ଗେଟ୍‌ରେ ଲାଗିଥିବା ସିସିଟିଭି ଫୁଟେଜ୍ ଓ ମୋବାଇଲ ଫୋନ୍ ଟ୍ରାକିଂରୁ ଉକ୍ତ ଦମ୍ପତିଙ୍କ ସମ୍ପର୍କରେ ସୂଚନା ମିଳିଛି । ପୂର୍ବରୁ ପୀଡ଼ିତା କହିଥିଲେ ଯେ, ତାଙ୍କୁ ନିମାପଡ଼ା ବସ୍‌ଷ୍ଟାଣ୍ଡରୁ କାକଟପୁର ଯିବା ପାଇଁ କାର୍‌ରେ ଲିଫ୍ଟ ଦିଆଯାଇଥିଲା । କିନ୍ତୁ ବଳପୂର୍ବକ ତାଙ୍କୁ ଉକ୍ତ କାର୍‌ରେ ପୁରୀ ନିଆଯାଇ ଗଣବଳାତ୍କାର କରାଯାଇଥିଲା । ପୀଡ଼ିତାଙ୍କ ବୟାନ ଓ ପୋଲିସର ସୂଚନା ମଧ୍ୟରେ ବ୍ୟାପକ ତଫାତ୍‌କୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

### ପୋଲିସରେ ଅଭିଯୋଗ ହୋଇନି

ଗିରଫ ଜିତେନ୍ଦ୍ର (ବହିଷ୍କୃତ କନଷ୍ଟେବଳ)ଙ୍କ ଦ୍ୱିତୀୟ ସ୍ତ୍ରୀ ବୋଲି ଦାବି କରୁଥିବା ଜଣେ ମହିଳା ଅଭିଯୋଗ ଆଣିଥିଲେ ଯେ, ପୋଲିସ କ୍ୱାର୍ଟର୍ସରେ ସେକ୍ସ ରାକେଟ ଚାଲିଥିଲା । ଏଥିରେ ପ୍ରଥମ ସ୍ତ୍ରୀଙ୍କ ହାତ ରହିଥିବା ମଧ୍ୟ ସେ କହିଥିଲେ । ଏ ନେଇ ଏସ୍‌ପିଙ୍କୁ ପଚାରିବାରେ କହିଛନ୍ତି, ଆମ ନିକଟରେ ସେ କୌଣସି ଅଭିଯୋଗ କରିନାହାନ୍ତି । ଅଭିଯୋଗ ଆସିଲେ ଘଟଣାର ତଦନ୍ତ କରାଯିବ ।

### ତଥ୍ୟ ଲୁଚାଇଲେ

ଗିରଫ ରାଜେଶ ସେଠୀ ଓ ରାମଚନ୍ଦ୍ର ପ୍ରଧାନ କେଉଁ ମାମଲାରେ ଜଡ଼ିତ ରହିଛନ୍ତି ସେ ନେଇ ପୋଲିସ ବର୍ତ୍ତମାନ ସୁଦ୍ଧା କୌଣସି ତଥ୍ୟ ପ୍ରଦାନ କରିନାହିଁ । ଜିତେନ୍ଦ୍ରଙ୍କ ନାମରେ ବିଭିନ୍ନ ଥାନାରେ ୫ରୁ ଊର୍ଦ୍ଧ୍ୱ ମାମଲା ଥିବାବେଳେ ଏହି ଅଭିଯୁକ୍ତ ଦ୍ୱୟ କେଉଁ ଘଟଣାରେ ସମ୍ପୃକ୍ତ ଅଛନ୍ତି ସେ ସମ୍ପର୍କରେ ପୋଲିସ ମୁହଁ ଖୋଲିବାକୁ ନାରାଜ ।

# ନନ୍ଦନକାନନକୁ ଆଜି ଆସିବେ ବୈଷୟିକ କମିଟି

ବାରଙ୍ଗ,୯।୧୨(ଡି.ଏନ.ଏ): ଆରମ୍ଭ ହୋଇଛି ପର୍ଯ୍ୟଟନ ଋତୁ । ଏଥିପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ବିଭିନ୍ନ ନୂଆ ନୀତି କରିବା ପାଇଁ ଆଶା ବାନ୍ଧିଥିବାବେଳେ ପର୍ଯ୍ୟଟକମାନଙ୍କ ସଂଖ୍ୟା ବଢ଼ିବାର ଆଶା ରହିଛି । ଏହାଭିତରେ ଜୀବଜନ୍ତୁଙ୍କର ମୃତ୍ୟୁ ପଶୁ ପକ୍ଷୀପ୍ରେମୀଙ୍କୁ ଆଘାତ ଦେଉଥିବାବେଳେ ନନ୍ଦନକାନନ ପାଇଁ ଚିନ୍ତାର କାରଣ ପାଲଟିଛି । ଅକ୍ଟୋବରରୁ ଆଜିପର୍ଯ୍ୟନ୍ତ ଜଳହସ୍ତୀ, ଧଳାବାଘ ଶୁଭ୍ରାଂଶୁ, ମାର୍ମୋସେଟ, ଆନାକୋଣ୍ଡା, ଭାଲୁ, ମଣିପୁର ହରିଣ ଆଦି ଜୀବଜନ୍ତୁମାନଙ୍କର ମୃତ୍ୟୁ ହୋଇଥିବାବେଳେ ଚଳିତମାସରେ ଦୁଇଟି ଆନାକୋଣ୍ଡାର ମୃତ୍ୟୁ ଅଧିକ ଚିନ୍ତାଜନକ ସାଜିଛି । ତେଣୁ ପଶୁପକ୍ଷୀମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ ପାଇଁ ମଙ୍ଗଳବାର ନନ୍ଦନକାନକୁ ବୈଷୟିକ କମିଟି ଆସୁଛନ୍ତି । ଡ.ଏସ.କେ ରାୟ, ଡ. ଜେ.ଏନ୍.ମହାନ୍ତି, ଡ.ଏଲ.ଏନ.ଆଚାର୍ଯ୍ୟ, ସୁଧାକର ମହାପାତ୍ରଙ୍କୁ ନେଇ ଗଠିତ ୧୧ଜଣିଆ ଟିମ ମଙ୍ଗଳବାର ନନ୍ଦନକାନନ ଆସିବା ପରେ ପଶୁପକ୍ଷୀମାନଙ୍କର ସ୍ୱାସ୍ଥ୍ୟାବସ୍ଥା ନେଇ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ । ଅସୁସ୍ଥ ଥିବା ପଶୁପକ୍ଷୀମାନଙ୍କର କରାଯାଉଥିବା ସ୍ୱାସ୍ଥ୍ୟପରୀକ୍ଷା, ରୋଗ ନିରୂପଣ, ପ୍ରତିକାର ପାଇଁ କରାଯାଉଥିବା ବିଧି ଉପରେ ତର୍ଜମା କରିବା ସହ ଉପଦେଶ ଦେବେ ବୋଲି ଜଣାପଡିଛି ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ଦିଲୀପ



ପ୍ରଦ୍ୟୁମ୍ନ



ରଶ୍ମିରଞ୍ଜନ



ଆଲୋକ



ଜିତେନ୍ଦ୍ର



ସନ୍ତୋଷ



ଚନ୍ଦନ



ରଞ୍ଜନ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/



ଭଗବାନଙ୍କ ନାମ ଜପିଲେ ମଣିଷର ଦେହ, ମନ ସବୁ ଶୁଦ୍ଧ ହୋଇଯାଏ ।
-ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ନାବାଳିକାଙ୍କୁ ଅଶ୍ଳୀଳ କମେଣ୍ଟ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୯।୧୨(ବ୍ୟୁରୋ):** ଶହୀଦନଗର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ରାସ୍ତାରେ ଅଶ୍ଳୀଳ କମେଣ୍ଟ କରିବା ସହ ନାନାଦି ହଇରାଣ କରୁଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଗଞ୍ଜାମ ପୁରୁଷୋତ୍ତମପୁର ଅଞ୍ଚଳର ତ୍ରିମୂର୍ତ୍ତି ଦୋରା। ସେ ଶହୀଦନଗର ଥାନା ଅନ୍ତର୍ଗତ ବାୟାବାବା ମଠ ବସ୍ତି ଅଞ୍ଚଳରେ ରହୁଥିଲେ। ଅଭିଯୁକ୍ତ ଅନେକଦିନ ଧରି ନାବାଳିକାଙ୍କ ପିଛା କରୁଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ପ୍ରେମନିବେଦନ କରିଥିଲେ। ମାତ୍ର ନାବାଳିକା ଅରାଜି ହେବାରୁ ତାଙ୍କୁ ରାସ୍ତାରେ ଯିବା ଆସିବା କରିବା ବେଳେ ଅଶ୍ଳୀଳ କମେଣ୍ଟ କରୁଥିଲେ। ଏହାକୁ କେନ୍ଦ୍ର କରି ଗତ ୫ତାରିଖରେ ନାବାଳିକାଙ୍କ ପରିବାର ଲୋକେ ଏବଂ ଅଭିଯୁକ୍ତଙ୍କ ସହଯୋଗୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ଗତ ୭ରେ ନାବାଳିକାଙ୍କ ପରିବାର ଲୋକ ଥାନରେ ଅଭିଯୋଗ କରିବା ପରେ ପୋଲିସ ନଂ୬୫୬/୧୯ରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲା।

### ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ, ୫ ଆହତ

**ବାଲିପାଟଣା,୯।୧୨(ଡି.ଏନ୍.ଏ.):** ବାଲିପାଟଣା ଥାନା ଅନ୍ତର୍ଗତ ରାଜସ ମଠସାହିରେ ଜମିବାଡି ଭାଗବଣ୍ଟାକୁ କେନ୍ଦ୍ରକରି ରବିବାର ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ଉଭୟ ପରିବାରର ୫ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ପ୍ରଦୀପ ମଲ୍ଲିକ, ମହାଦେବ ମଲ୍ଲିକ, ଈଶ୍ୱର ମଲ୍ଲିକ, ଅପର୍ତ୍ତି ମଲ୍ଲିକ ଓ ଧଡୁ ମଲ୍ଲିକ। ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଉଭୟ ପରିବାରଙ୍କ ଅଭିଯୋଗକ୍ରମେ ପୋଲିସ ଦୁଇଟି ମାମଲା(ନଂ.୨୧୨/୧୯, ୨୧୩/୧୯)ରୁଜୁ କରି ତଦନ୍ତ ଚଳାଇଛି।

### ଘରେ ପଶି ହତ୍ୟା ଧମକ, ଜଣେ ଗିରଫ

**ଭୁବନେଶ୍ୱର, ୯।୧୨(ବ୍ୟୁରୋ):** ଶହୀଦନଗର ଥାନା ଅଞ୍ଚଳରେ ରହୁଥିବା ଜଣେ ଯୁବତୀଙ୍କ ଘରେ ପଶି ପରିବାର ଲୋକଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୁକ୍ତଙ୍କୁ ପୋଲିସ ସୋମବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଅନୁଗୋଳ ଜିଲା ବିକ୍ରମପୁର ଥାନା ଅଞ୍ଚଳର ଦୀପକ ରୋଶନ (୩୫)। ଦୀପକ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ରହୁଥିବାବେଳେ ଶହୀଦନଗର ଥାନା ଅଞ୍ଚଳରେ ରହୁଥିବା ଯୁବତୀଙ୍କ ସହ ପ୍ରେମସମ୍ପର୍କ ଗଢିଉଠିଥିଲା। ପରେ ଦୀପକ ଯୁବତୀଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ। ଏଥିରେ ଯୁବତୀ ଜଣଙ୍କ ନାରାଜ ହେବା ସହ ଉଭୟଙ୍କ ସମ୍ପର୍କରେ ତିକ୍ତତା ଆସିଥିଲା। ଯୁବତୀ ଜଣଙ୍କ ଅଭିଯୁକ୍ତଙ୍କୁ ଦେଖା ନ କରିବାରୁ ଦୀପକ ଉତ୍କ୍ଷିପ୍ତ ହୋଇଥିଲେ। ଗତ ୪ ତାରିଖରେ ଅଭିଯୁକ୍ତ ଦୀପକ ଯୁବତୀଙ୍କ ଘରେ ପଶି ପରିବାର ଲୋକଙ୍କୁ ଗାଳି ଗୁଲଜ କରିଥିଲେ। ଯଦି ଯୁବତୀଙ୍କ ସହ ତାଙ୍କର ବିବାହ ନ ହୁଏ ତେବେ ପରିବାର ଲୋକଙ୍କୁ ଜୀବନରେ ମାରିଦେବାକୁ ଧକମ ଦେଇଥିଲେ। ଏ ନେଇ ପରିବାର ଲୋକେ ଥାନରେ ଅଭିଯୋଗ କରିବା ପରେ ପୋଲିସ ନଂ୬୫୭/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

■ ପୋଲିସ ନେବାବେଳେ ସୁସ୍ଥ ଥିଲେ, ଆସିଲା ମୃତଦେହ

# ପୋଲିସ ମାଡ଼ରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

ଭୁବନେଶ୍ୱର,୯।୧୨(ବ୍ୟୁରୋ)

■ ତଦନ୍ତ ଓ ନ୍ୟାୟ ଦାବିରେ ଡିସିପି ଅଫିସ୍ ଘେରାଉ
■ ଡିସିପିଙ୍କୁ ଦାବିପତ୍ର, ଓଏଚ୍ଆର୍ସିରେ ଅଭିଯୋଗ କଲେ ପରିବାର ଲୋକେ

ପୁଣି ବିବାଦରେ ନୟାପଲ୍ଲୀ ଥାନା। ଦୁଇ ଭଉଣୀଙ୍କୁ ଅକଥନୀୟ ନିର୍ଯାତନା ଦେଇ ବଦନାମ ମୁଣ୍ଡାଇଥିବା ପୋଲିସ ବିରୋଧରେ ଆଉ ଏକ ଗୁରୁତର ଅଭିଯୋଗ ଆସିଛି। ପୋଲିସ ମାଡ଼ରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଡିସିପିଙ୍କ ନିକଟରେ ଅଭିଯୋଗ ହୋଇଛି। ତଦନ୍ତ ଓ ନ୍ୟାୟ ଦାବି କରି ସୋମବାର ମୃତକଙ୍କ ପରିବାର ସଦସ୍ୟଙ୍କ ସହ ସ୍ଥାନୀୟ ଲୋକେ ଡିସିପି ଅଫିସ ଘେରାଇ କରିଥିଲେ। ଏଥିସହ ଡିସିପି ଅନୁପ କୁମାର ସାହୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ମୃତ ଯୁବକ ଜଣକ ହେଉଛନ୍ତି ସାଲିଆସାହି ଜନତା ନଗରରେ ରହୁଥିବା ବାସନ୍ତୀ ମଲ୍ଲିକଙ୍କ ପୁଅ ହରେକୃଷ୍ଣ ମଲିକ। ଗତ ୨୩ ତାରିଖରେ କଟକ ବଡ଼ ମେଡିକାଲରେ ତାଙ୍କର ମୃତ୍ୟୁ ଘଟିଛି। ସୁସ୍ଥ ଥିବା ପୁଅକୁ ପୋଲିସ ଧରିନେଇଥିବାବେଳେ ମୃତଦେହ ଘରକୁ ଆସିବା ଘଟଣାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ତାଙ୍କ ମା'। ହାଜତରେ ପୋଲିସର ନିସ୍ତୁକ ମାଡ଼ରେ ପୁଅର ହାତ ଭାଙ୍ଗିଯିବା ସହ ସେ ଗୁରୁତର ହୋଇ କୋମାକୁ ଚାଲିଯାଇଥିଲେ ବୋଲି ଘେରାଉବେଳେ ବହୁ ମହିଳା ଗଣମାଧ୍ୟମକୁ କହିଥିଲେ। ଏପରି କି ମାମଲାକୁ ଆଗକୁ ନ ବଢ଼ାଇବା ପାଇଁ ପୋଲିସ ପକ୍ଷରୁ ଧମକ ଦିଆଯାଉଥିବା ନେଇ ପରିବାର ଲୋକେ ମଧ୍ୟ ଡିସିପିଙ୍କୁ ଜଣାଇଛନ୍ତି। ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ଡିସିପି ସାହୁ ୮ଦିନ ସମୟ ନେଇଥିବା ସେମାନେ କହିଛନ୍ତି। ଅନ୍ୟପକ୍ଷରେ ଘଟଣାକୁ ନେଇ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍ଆର୍ସି)ରେ ମଧ୍ୟ ଅଭିଯୋଗ ହୋଇଛି।

ମା' ବାସନ୍ତୀଙ୍କ ଅଭିଯୋଗ ଅନୁସାରେ, ହରେକୃଷ୍ଣ ୨ବର୍ଷର ହୋଇଥିବାବେଳେ ବାପାଙ୍କର ମୃତ୍ୟୁ ଘଟିଥିଲା। ଦୁଇ ଝିଅ ଓ ଗୋଟିଏ ପୁଅଙ୍କୁ ଧରି ବହୁ ଦୁଃଖ କଷ୍ଟରେ ଚଳୁଥିଲେ। ଗତ ୨୨ ତାରିଖ ଅପରାହ୍ନ ୨ଟାରେ ଫ୍ଲାଟ ନଂ-ଏନ୍୪/୨୬ରେ ଥିବା ଏକ କୋଠା ଉପରୁ ସେ ଖସି ପଡିଥିଲେ। କିନ୍ତୁ ଚୋରି ଅଭିଯୋଗ ଆଣି ସ୍ଥାନୀୟ ଲୋକେ ହରେକୃଷ୍ଣଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ପୋଲିସ ତାଙ୍କୁ ଚଲାଇ ଚଲାଇ ଭ୍ୟାନ୍‌କୁ ନେଇଥିଲେ। ସେତେବେଳେ ହରେକୃଷ୍ଣ ସୁସ୍ଥ ଥିଲେ ଓ ହାତ ହଲାଇ ହଲାଇ ଭ୍ୟାନ୍ ଭିତରକୁ ଯାଇଥିଲେ। ହେଲେ ଅପରାହ୍ନ ୪ଟାରେ ଘରେ ଭଉଣୀ ଗାୟତ୍ରୀ ଥିଲେ। ୩ଜଣ ପୋଲିସ ସାଦା ପୋଷାକରେ ପହଞ୍ଚି ତୁମ ଭାଇ ହରେକୃଷ୍ଣଙ୍କ ଦୁର୍ଘଟଣା ହୋଇଥିବା କହିଥିଲେ। ଗାୟତ୍ରୀ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚି କ'ଣ ହୋଇଛି ବୋଲି ପୋଲିସକୁ ପଚାରିଥିଲେ ମଧ୍ୟ କିଛି ଉତ୍ତର ମିଳି ନ ଥିଲା। ଡାକ୍ତରଙ୍କୁ ପଚାରିବାରୁ ହରେକୃଷ୍ଣଙ୍କ ଅବସ୍ଥା ଗୁରୁତର ଥିବା କହି କଟକ ମେଡିକାଲକୁ ପଠାଇ ଦେଇଥିଲେ। ସେବେଠାରୁ କଟକ ମେଡିକାଲରେ କୋମା ଅବସ୍ଥାରେ ଚିକିତ୍ସିତ ହେଉଥିଲେ ହରେକୃଷ୍ଣ। ତାଙ୍କ ଦୁଇ ହାତ ଭାଙ୍ଗିଯାଇଥିବା ଏକ୍ସ-ରେରୁ ଜଣାପଡିଥିଲା। ଏହାସହ ମୁଣ୍ଡ ଓ ଛାତିରେ ମାଡ଼ ହୋଇଥିବା ଡାକ୍ତରୀ ରିପୋର୍ଟରେ ରହିଛି। ବ୍ୟବଚ୍ଛେଦ ରିପୋର୍ଟରେ ଦୁର୍ଘଟଣାଜନିତ ମୃତ୍ୟୁ ବୋଲି ଉଲ୍ଲେଖ ରହିଛି। ତେବେ ପୋଲିସ ହେପାଜତରେ ଥିବା ହରେକୃଷ୍ଣଙ୍କର ଦୁର୍ଘଟଣା ହେଲା କିପରି ବୋଲି ମା' ବାସନ୍ତୀ ପ୍ରଶ୍ନ ଉଠାଇଛନ୍ତି। ଏନେଇ ଡିସିପି ଅନୁପ କୁମାର ସାହୁ କହିଛନ୍ତି, ଅଭିଯୋଗର ତଦନ୍ତ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

■ ପୋଲିସ କମିଶନରଙ୍କ ଅଭିନବ ପ୍ରୟାସ

# 'ଆସ୍କ ମି ଏନିଥିଂ' ଜରିଆରେ ଲୋକଙ୍କ ପ୍ରଶ୍ନର ଉତ୍ତର ଦେବେ

ଭୁବନେଶ୍ୱର,୯।୧୨(ବ୍ୟୁରୋ)




ଲୋକଙ୍କ ସହ ଯୋଡି ହେବା ପାଇଁ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ 'ଆସ୍କ ମି ଏନିଥିଂ' କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଛନ୍ତି। ଏହି କାର୍ଯ୍ୟକ୍ରମ ଦ୍ୱାରା କମିଶନର ସାଧାରଣ ଲୋକଙ୍କ ପ୍ରଶ୍ନର ଉତ୍ତର ଟୁଇଟ୍‌ରେ ଦେବେ। ହାସ୍‌ଟ୍ୟାଗ୍ ଟୁଇଟ୍‌ରରେ କମିଶନରଙ୍କୁ ପ୍ରଶ୍ନ ପ୍ରଚାରିବାକୁ ସେ ଲୋକଙ୍କୁ ନିବେଦନ କରିଛନ୍ତି। ୧୨ ତାରିଖ ସୁଦ୍ଧା ପ୍ରଶ୍ନ ପଚାରିବାକୁ ସୂଚନା ଦିଆଯାଇଛି। ୧୪ ତାରିଖ ସନ୍ଧ୍ୟା ୫ଟାରେ କମିଶନର ଲାଇଭ୍ ଚାଟରେ ଲୋକଙ୍କ ପ୍ରଶ୍ନର ଉତ୍ତର ଦେବେ।

ଏହାପୂର୍ବରୁ ମଧ୍ୟ କମିଶନର ଟୁଇଟ୍‌ରେ ବେସ୍ ଆକ୍ଟିଭ୍ ଥିଲେ। ଏହାସହ କେଉଁ ଥାନାରେ ଅଭିଯୋଗ ହେବାସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଉନି ସେନେଇ କେହି ପ୍ରଶ୍ନ ପଚାରିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ କମିଶନର ନିର୍ଦ୍ଦେଶ ଦେଉଥିଲେ। ତେଣୁ ଲୋକେ କମିଶନରଙ୍କ ସହ ଟୁଇଟ୍‌ରେ ଯୋଡ଼ି ହେଉଥିବାରୁ ଏଭଳି ଲାଇଭ ଚାଟ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ମୋ ସରକାର କାର୍ଯ୍ୟକ୍ରମ ଜରିଆରେ ରାଜ୍ୟ ସରକାର ଲୋକଙ୍କ ନିକଟତର ହେଉଛନ୍ତି। ଏଭଳି କ୍ଷେତ୍ରରେ ପୋଲିସ କମିଶନର ଏହି ଆସ୍କ ମି ଏନିଥିଂ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କ ସହ ଯୋଡ଼ିହେବାକୁ ଅନେକ ସ୍ୱାଗତ କରିଛନ୍ତି।

■ ବେଆଇନ କଲ୍ୟାଣମଣ୍ଡପ ସିଲ୍ ହେଲାନି

# ବାହାଘର ବାହାନାରେ ସ୍ଥଗିତ

ଭୁବନେଶ୍ୱର, ୯।୧୨ (ବ୍ୟୁରୋ)

**ପାର୍କିଂ ପାଇଁ ସ୍ଥାନ ଦେଲେ ସିଲ୍ ହେବନି ମଣ୍ଡପ: ବିଏମ୍‌ସି**

ଭୁବନେଶ୍ୱରର ଦକ୍ଷିଣ ପୂର୍ବ ଓ ଉତ୍ତର ଜୋନ୍‌ରେ ବେଆଇନ ଭାବେ ଚାଲୁଥିବା କଲ୍ୟାଣମଣ୍ଡପ ଓ ବିବାହମଣ୍ଡପଗୁଡ଼ିକର ଯାଞ୍ଚ ସରିଛି। ଟ୍ରେଡ୍ ଲାଇସେନ୍ସ, ହୋଲ୍ଡିଂ ଟ୍ୟାକ୍ସ, ବିଲ୍ଡିଂ ପ୍ଲାନ୍, ୱେଷ୍ଟ ମ୍ୟାନେଜ୍‌ମେଣ୍ଟ ନେଇ ରହିଥିବା ନିୟମକୁ ଉଲ୍ଲଂଘନ ଓ ଟ୍ରାଫିକ୍ ସମସ୍ୟା ଉପୁଜାଉଥିବା ୪୮ କଲ୍ୟାଣ ମଣ୍ଡପ ଓ ବିବାହ ମଣ୍ଡପକୁ ସିଲ୍ କରାଯିବ ବୋଲି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଘୋଷଣା କରିଥିଲା। ଏପରି କି କେଉଁଦିନ କେଉଁ ଅଞ୍ଚଳରେ ବିଡିଏ ଓ ବିଏମ୍‌ସିର ମିଳିତ ଏନ୍‌ଫୋର୍ସମେଣ୍ଟ ଟିମ୍ ସିଲ୍ କରିବ ତାହା ମଧ୍ୟ ସ୍ଥିର ହୋଇଥିଲା। ହେଲେ ଠିକ୍ ସମୟରେ ଆଗୁଆ ବାହାଘର ବୁକିଂ ବାହାନାରେ ସିଲ୍ ପ୍ରକ୍ରିୟାକୁ ସ୍ଥଗିତ ରଖିଛି।

ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି, ଗତ ୬ ତାରିଖରୁ ଉକ୍ତ ବିଲ୍ଡିଂଗୁଡ଼ିକୁ ସିଲ କରିବା ପାଇଁ ବିଏମ୍‌ସି ନିର୍ଦ୍ଦେଶନାମା ଜାରି କରିଥିଲା। ହେଲେ କେତେଜଣ ଲୋକ ଆଗୁଆ ଅର୍ଥଦେଇ ଉକ୍ତ ମଣ୍ଡପଗୁଡ଼ିକୁ ବିବାହ ପାଇଁ ବୁକ୍ କରିଛନ୍ତି। ସେଥିପାଇଁ ସେମାନେ ଉକ୍ତ କଲ୍ୟାଣମଣ୍ଡପ/ବିବାହ ମଣ୍ଡପ ବନ୍ଦ ନ କରିବାରୁ ବିଏମ୍‌ସିକୁ ଅନୁରୋଧ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଏମ୍‌ସି ବିକଳ୍ପ ଚିନ୍ତା କରୁଛି। ଏନେଇ ଆଗାମୀ ଦିନରେ ଏକ ବୈଠକ ବସିବ। ଚିହ୍ନଟ ବିଲ୍ଡିଂ ମାଲିକମାନେ ଯଦି ପାର୍କିଂ କରିବାକୁ ସ୍ଥାନ ଦିଅନ୍ତି ତା'ହେଲେ ସେମାନଙ୍କ ମଣ୍ଡପ ସିଲ୍ ହେବନାହିଁ ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଗତ ୬ ତାରିଖରୁ ଭୁବନେଶ୍ୱର ଉତ୍ତର ଜୋନ୍ ଓ ୭ରୁ ଦକ୍ଷିଣପୂର୍ବ ଜୋନ୍‌ରେ ଥିବା କଲ୍ୟାମଣ୍ଡପ ବିଲ୍ଡିଂ ସିଲ୍ ହେବାର ଥିଲା। ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହାକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ମିଳିଥିବା ବିଶେଷସୂତ୍ରରୁ ଜଣାପଡ଼ିଛି। ଚାରିଆଡୁ ଚାପ ପଡ଼ିବାରୁ ସିଲ୍ ପ୍ରକ୍ରିୟାକୁ ବନ୍ଦ ରଖାଯାଇଥିବା କୁହାଯାଉଛି।




ଭୁବନେଶ୍ୱରସ୍ଥିତ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶାଠାରେ ସୋମବାର ଡବ୍ଲ୍ୟୁଏଚ୍ଆର୍‌ପିଓ ପକ୍ଷରୁ ଅନୁଷ୍ଠିତ ୭୧ତମ ଆନ୍ତର୍ଜାତିକ ମାନବିକ ଅଧିକାର ଦିବସ ପାଳନ ଅବସରରେ ଉପସ୍ଥିତ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଓ ଅନ୍ୟ ଅତିଥିମାନେ।

## 'କରୁଣା-ସାଗର' ପୁସ୍ତକ ଉନ୍ମୋଚନ କଲେ ରାଜ୍ୟପାଳ

# 'ଭାରତ ଭାବର ପ୍ରତୀକ'

ଭୁବନେଶ୍ୱର,୯।୧୨(ବ୍ୟୁରୋ)

ଭାରତ ଏକ ଭାବର ପ୍ରତୀକ। ତାତ୍ତ୍ୱିକ ଅର୍ଥରେ ଏହାକୁ ଭୌଗୋଳିକ ସୀମାରେଖା ମଧ୍ୟରେ ଆବଦ୍ଧ କରିହେବ ନାହିଁ। ସମଗ୍ର ବ୍ରହ୍ମାଣ୍ଡର ରୂପରେଖ ହେଉଛି ଭାରତ, ଯାହାର ପରିଚୟ ଆଧ୍ୟାତ୍ମିକ ଚେତନା ଉପରେ ପର୍ଯ୍ୟବସିତ। ଏହି ଚେତନାର ସର୍ବଶ୍ରେଷ୍ଠ ଗ୍ରନ୍ଥ ହେଉଛି ଶ୍ରୀମଦ୍‌ଭଗବଦ୍ ଗୀତା ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ସୋମବାର ଇସ୍କନ ଗୁଣ୍ଡିଚା ମନ୍ଦିରରେ ଚାରୁ ସ୍ୱାମୀ ମହାରାଜାଙ୍କ 'କରୁଣା-ସାଗର' ପୁସ୍ତକ ଉନ୍ମୋଚନ କରି ରାଜ୍ୟପାଳ ଭଗବଦ୍ ଗୀତା କାଳାତୀତ ଓ ସାର୍ବଜନୀନ ବୋଲି ମତବ୍ୟକ୍ତ କରିଥିଲେ। ସେ ଆହୁରି କହିଥିଲେ, ମଣିଷ ପାଇଁ ପ୍ରତ୍ୟେକ ମୁହୂର୍ତ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଜୀବନକୁ ନୂଆ ଗତିପଥ ଦେଇପାରେ। ତେଣୁ ପ୍ରତିଟି ମୁହୂର୍ତ୍ତକୁ ସର୍ବୋତ୍ତମ ଚେତନା ସହ ସଂଯୁକ୍ତ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କ ମୁଖନିସୃତ 'ଗୀତା'ରେ ସକଳ ସମସ୍ୟାର ସମାଧାନର ସୂତ୍ର ରହିଛି। ଏହାର ନିୟମିତ ଅଧ୍ୟୟନ ଓ ବ୍ୟାଖ୍ୟାନର ଆବଶ୍ୟକତା ରହିଛି। ସମ୍ପ୍ରତି ମଣିଷ ଯେଉଁ ସଂକଟ ମଧ୍ୟ ଦେଇ ଗତି କରୁଛି, ସେଥିପାଇଁ ଭଗବଦ୍ ଗୀତାର ଅଧ୍ୟୟନ ଜରୁରୀ ବୋଲି ସେ କହିଥିଲେ। 'କରୁଣା-ସାଗର' ପୁସ୍ତକର ଲେଖକ ଚାରୁ ସ୍ୱାମୀ ମହାରାଜ ଏହି ପୁସ୍ତକ ରଚନାର ପ୍ରେରଣା ବେଦାନ୍ତ ସ୍ୱାମୀ ପ୍ରଭୁପାଦଙ୍କ ଠାରୁ ପାଇଥିବା କହିଥିଲେ। ଏହି ଅବସରରେ ସେ ନିଜର ଆଧ୍ୟାତ୍ମିକ ଅନ୍ୱେଷଣ ସଂପର୍କରେ ବକ୍ତବ୍ୟ ରଖିଥିଲେ। ଗୀତା ଜୟନ୍ତୀ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ରାଜ୍ୟପାଳ ପୁରସ୍କୃତ କରିଥିଲେ। ଇସ୍କନ ଭୁବନେଶ୍ୱରର ଅଧ୍ୟକ୍ଷ ପ୍ରେମାନନ୍ଦ ଦାସ, ସୁଭାଗ ସ୍ୱାମୀ ମହାରାଜ ପ୍ରମୁଖ ଇସ୍କନର କାର୍ଯ୍ୟଧାରା ବିଷୟରେ ଆଲୋଚନା କରିଥିଲେ।

# ନିଶାମିଶା ଚା' ଦେଇ ୧୫ ହଜାର ଟଙ୍କା ଲୁଟ୍

ଭୁବନେଶ୍ୱର,୯।୧୨(ବ୍ୟୁରୋ)

କିଛିଦିନର ବ୍ୟବଧାନ ପରେ ପୁଣି ନିଶା ଦିଆ ଲୁଟେରା ସକ୍ରିୟ ହୋଇଛନ୍ତି। ରବିବାର ବାଙ୍ଗାଲୋରରୁ ହାୱାଡା ଏକ୍ସପ୍ରେକ୍ସରେ ଆସି ଭୁବନେଶ୍ୱର ଷ୍ଟେଶନରେ ଓହ୍ଲାଇଥିବା ଦୁଇ ଯୁବକଙ୍କୁ ଚା' ଆଳରେ ନିଶା ଦେଇ ୧୫ହଜାର ଟଙ୍କା ଓ ଦୁଇଟି ମୋବାଇଲ ଫୋନ ଲୁଟି ନେଇଛନ୍ତି। ଲୁଟର ଶିକାର ହୋଇଛନ୍ତି କେନ୍ଦ୍ରାପଡା ଆଳି ଅଞ୍ଚଳର ସରୋଜକାନ୍ତ ବେହେରା ଓ ରଞ୍ଜନ ଜେନା। ସକାଳୁ ଦୁଇଜଣ ଏମ୍ସ ନିକଟରେ ପଡିଥିବାବେଳେ ପୋଲିସ ସେମାନଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେମାନଙ୍କ ଚେତା ଫେରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ସରୋଜକାନ୍ତ ଏବଂ ରଞ୍ଜନ ବାଙ୍ଗାଲୋରରେ ଚାକିରି କରନ୍ତି। ରବିବାର ଭୋରୁ ସେମାନଙ୍କ ଟ୍ରେନ ଲାଗିଥିଲା। ଦୁଇଜଣ ବାହାରକୁ ଆସିଥିବାବେଳେ ତାଙ୍କୁ ଦୁଇଜଣ ବ୍ୟକ୍ତି ମିଶିଥିଲେ। ସେମାନେ ଆଳି ଯିବେ ବୋଲି ଜାଣିବା ପରେ ବ୍ୟକ୍ତିଦ୍ୱୟ ତାଙ୍କୁ ଅଟୋରେ ଯିବା ପାଇଁ କହି ନେଇଥିଲେ। ବାଟରେ ଚା' ମଗାଇ ପିଇବାକୁ ଦେଇଥିଲେ। ଏହାପରେ ଦୁହେଁ ଚେତା ହରାଇବାରୁ ବ୍ୟକ୍ତିଦ୍ୱୟ ଲୁଟି ନେଇ ସେମାନଙ୍କୁ ଏମ୍ସ ନିକଟରେ ଫିଙ୍ଗି ଦେଇଥିଲେ। ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ସବୁଠୁ ବଡ କଥା ହେଲା, ଲୁଟର ଶିକାର ହେଉଥିବା ବ୍ୟକ୍ତିମାନେ ଥାନାରେ ଅଭିଯୋଗ କରୁନାହାନ୍ତି।

# ଏଏସ୍‌ବିଏମ୍‌ରେ ଜାତୀୟ ବିତ୍ତୀୟ ସମ୍ମିଳନୀ




ନୂଆଦିଲ୍ଲୀ,୯-୧୨

ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ୯ମ ବିତ୍ତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଅର୍ଥନୀତି; ଆଗାମୀ ଆହ୍ୱାନ ବିଷୟ ଉପରେ ଏହା ପର୍ଯ୍ୟବେକ୍ଷିତ ଥିଲା। ଭାରତୀୟ ଅର୍ଥନୀତିକୁ ପ୍ରଭାବିତ କରୁଥିବା କାରଣଗୁଡ଼ିକ ଉପରେ ଓଡିଶା ଲୋକ ସେବା ଆୟୋଗର ଅଧ୍ୟକ୍ଷ ବ୍ରିଗେଡିୟର ଲକ୍ଷ୍ମୀଚରଣ ପଟ୍ଟନାୟକ ଏଥିରେ ଗୁରୁତ୍ୱାରୋପ କରିଥିଲେ। ଆଞ୍ଚଳିକ ବୈଷମ୍ୟତା ହ୍ରାସ, କୃଷି ଭିତ୍ତିକ ବାଣିଜ୍ୟ କ୍ଷେତ୍ରରେ ପୁଞ୍ଜିନିବେଶ ଏବଂ ସମାଜବାଦର ଗୁରୁତ୍ୱ ଉପରେ ସେ ଆଲୋଚନା କରିଥିଲେ। ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜର ନିର୍ଦ୍ଦେଶକ ଶ୍ରୀଜିତ ମିଶ୍ର ଭାରତୀୟ ଅର୍ଥନୀତିର ସ୍ଥିତି ଏବଂ ପ୍ରଗତି ଉପରେ ମତ ରଖିବା ସହ ଅର୍ଥନୀତି ଲାଗି କୃଷି କ୍ଷେତ୍ରର ବିକାଶ ଜରୁରୀ ବୋଲି କହିଥିଲେ। ଏଥିରେ କାନାରା ବ୍ୟାଙ୍କ ମହାପ୍ରବନ୍ଧକ ଶ୍ରୀକାନ୍ତ ମହାପାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗ ମୁଖ୍ୟ ପ୍ରବୋଧ କୁମାର ହୋତା, ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା କୁଳାଧକ୍ଷ ବିଶ୍ୱଜିତ ପଟ୍ଟନାୟକ, କୁଳପତି ପ୍ରଫେସର କଲ୍ୟାଣ ଶଙ୍କର ରାଏ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କଠାରୁ ସୁନାଚେନ ଲୁଟ୍

ଭୁବନେଶ୍ୱର, ୯।୧୨ (ବ୍ୟୁରୋ)

ମଞ୍ଚେଶ୍ୱର ଅଞ୍ଚଳରେ ଜଣେ ମହିଳାଙ୍କ ବେକରୁ ସୁନାଚେନ ଲୁଟ୍ ହୋଇଛି। ଏ ନେଇ ସମ୍ପୃକ୍ତ ମହିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ମଞ୍ଚେଶ୍ୱର ଥାନା ଅଧୀନ ସତ୍ୟବିହାର ଅଞ୍ଚଳରେ ସୁଲୋଚନା ବାରିକ୍ ରୁହନ୍ତି। ସୋମବାର ମଧ୍ୟାହ୍ନରେ ସେ କିଛି କାମ ସାରି ଝିଅ ସହ ଘରକୁ ଫେରୁଥିଲେ। ଏହି ସମୟରେ ବାଇକ୍‌ରେ ଜଣେ ଦୁର୍ବୃତ୍ତ ଆସି ତାଙ୍କ ବେକରୁ ସୁନାଚେନ ଲୁଟି ନେଇ ଫେରାର ହୋଇଯାଇଥିଲେ। ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ରୁଣ୍ଡ ହୋଇଯାଇଥିଲେ ମଧ୍ୟ ଲୁଟେରାଙ୍କୁ କାବୁ କରିପାରି ନ ଥିଲେ। ପରେ ଏ ସଂକ୍ରାନ୍ତରେ ସେ ମଞ୍ଚେଶ୍ୱର ଥାନାରେ ଏତଲା ଦେଇଥିଲେ।

# ଫଳକରେ ଶୋଭାପାଇବ ଜମିଦାତାଙ୍କ ନାମ

ପୁରୀ ଅଫିସ, ୯।୧୨

ଭିଟାମାଟି ଛାଡ଼ିବାର ଦୁଃଖ ଅନ୍ୟ କେହି ବୁଝିପାରନ୍ତି ନାହିଁ। ପରିସ୍ଥିତିରେ ପଡ଼ି ହେଉ ଅବା ବାଧ୍ୟବାଧକତାରେ ଯେଉଁମାନେ ଭିଟାମାଟି ଛାଡ଼ନ୍ତି ସେହିମାନେ ହିଁ ଜାଣନ୍ତି ଏହାର କଷ୍ଟ। ପ୍ରତିବଦଳରେ ଯେତେ ଟଙ୍କା ଦେଲେ ବି ସେମାନଙ୍କ ମନ ବୁଝି ନ ଥାଏ। ଅନିଚ୍ଛା ସତ୍ତ୍ୱେ ସେମାନଙ୍କ ଠିକଣା ବଦଳିଯାଏ।ଆଉ ବିସ୍ଥାପିତର ନୂଆ ପରିଚୟ ପାଆନ୍ତି। କିଛିଦିନ ଆଲୋଚନା ପରେ ପୁଣି ସମସ୍ତେ ସେମାନଙ୍କୁ ଭୁଲିଯାଆନ୍ତି। ହେଲେ ଏଥିରେ ବ୍ୟତିକ୍ରମ ହେବାକୁ ଯାଉଛି ପୁରୀ ପ୍ରଶାସନ। ଶ୍ରୀମନ୍ଦିର ସୁରକ୍ଷା ପାଇଁ ଯେଉଁମାନେ ଜମି ତ୍ୟାଗ କରି ବିସ୍ଥାପିତ ହେବେ ସେମାନଙ୍କ ନାମ ଫଳକରେ ଶୋଭାପାଇବ। ପୁରୀକୁ ଆସୁଥିବା ଭକ୍ତ, ପର୍ଯ୍ୟଟକ ଏବଂ ଯାତ୍ରୀ ସେମାନଙ୍କ ତ୍ୟାଗର କଥାକୁ ମନେ ପକାଇବେ। ଏଥିଲାଗି ସୁରକ୍ଷା ଜୋନ ମଧ୍ୟରେ ଫଳକ ରହିବ। ଏଥିରେ ଜମିଦାତାଙ୍କ ନାମ ରଖାଯିବା ଲାଗି ପ୍ରଶାସନିକସ୍ତରରେ ଆଲୋଚନା ହୋଇଛି।

**ମହାପ୍ରଭୁଙ୍କ ପାଇଁ ତ୍ୟାଗ**

ଶ୍ରୀମନ୍ଦିର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ମେଘନାଦ ପାଚେରି କଡ଼ରୁ ୭୫ ମିଟର ପରିଧି ମଧ୍ୟରେ ଜାଗା ଖାଲି କରିବାକୁ ରାଜ୍ୟ ସରକାର ଘୋଷଣା କରିବା ପରେ ଏହାକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ଚାଲିଥିଲା। ମହାପ୍ରଭୁଙ୍କ ପାଇଁ ତ୍ୟାଗ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଦେଇଥିଲେ। ତେବେ ଏହି ସୁରକ୍ଷା ଜୋନ୍‌ରେ ଥିବା ୧୮୫ଟି ଘରୋଇ ପ୍ଲଟ ମଧ୍ୟରେ ବହୁ ବାସଗୃହ, ହୋଟେଲ, ଲଜ୍, ମଠ, ମନ୍ଦିର ଏବଂ ବ୍ୟବସାୟ ପ୍ରତିଷ୍ଠାନ ରହିଥିବାରୁ ଏହା ଏକପ୍ରକାର ଚ୍ୟାଲେଞ୍ଜ ହୋଇଥିଲା। ମାତ୍ର ମହାପ୍ରଭୁଙ୍କ ପ୍ରତି ଲୋକମାନଙ୍କ ସମର୍ପଣ ଭାବ ସରକାରଙ୍କୁ ସୁରକ୍ଷା ଜୋନ୍‌ରୁ ଜମି ଅଧିଗ୍ରହଣ ସହଜ କରିଦେଇଥିବା କୁହାଯାଇପାରେ। କାରଣ ବର୍ତ୍ତମାନ ସୁଦ୍ଧା ପ୍ରାୟ ୮୦ ପ୍ରତିଶତ ଘରୋଇ ଜମିର ବିକ୍ରି କବଲା ସରିଥିବାବେଳେ ପ୍ରଶାସନ ମଧ୍ୟ ଉଚ୍ଛେଦ ଆରମ୍ଭ କରିଛି। ଯେଉଁମାନେ ନିଜ ଭିଟାମାଟି ତ୍ୟାଗ କରିଛନ୍ତି ତାଙ୍କୁ ମନେ ପକାଇବା ପାଇଁ ପ୍ରଶାସନ ଏହି ପଦକ୍ଷେପ ନେଇଛି। ସୂଚନାଥାଉ କି, ପୂର୍ବରୁ ମୁଖ୍ୟମନ୍ତ୍ରୀ ୧୧ ଜଣ ଜମିଦାତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିସାରିଛନ୍ତି।

# ବିରୋଧ ସତ୍ତ୍ୱେ କାରଖାନା ପାଇଁ ଚିହ୍ନଟ ହେଲା ଜମି

ଖୁଣ୍ଟୁଣୀ,୯।୧୨(ଡି.ଏନ.ଏ)

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଖମାର ନୂଆଗାଁ ଓ ଗୁରୁଡ଼ିଝାଟିଆ ଥାନାର କୋଲଥପଙ୍ଗୀ ଗ୍ରାମ ଦ୍ୱୟରେ ଥିବା ପ୍ରସ୍ତାବିତ ସିମେଣ୍ଟ କାରଖାନା ନିମନ୍ତେ ସୋମବାର ଜମି ଚିହ୍ନଟ କାର୍ଯ୍ୟ ଶେଷ ହୋଇଛି। ଏହି ଦୁଇ ଗ୍ରାମବାସୀଙ୍କ ଏକମାତ୍ର ଗୋଚରଜମିକୁ ପ୍ରଶାସନ ଚଞ୍ଚକତା କରି କାରଖାନାର ସପକ୍ଷ ସାଜି ଚିହ୍ନଟ ହେବା ପୂର୍ବରୁ ଶନିବାର ଏଠାରେ ୧୪୪ଧାରା ଜାରି କରିଥିବା ଗ୍ରାମର ଅମରେନ୍ଦ୍ର ରାଉତ ଓ ନରେନ୍ଦ୍ର ସେଠୀ ପ୍ରମୁଖ କହିଛନ୍ତି। ସୂଚନାଯୋଗ୍ୟ, କୋଲଥପଙ୍ଗୀ ଓ ଖମାରନୂଆଗାଁର ୯୦ ଏକର ଗୋଚରଜମିକୁ ଗତ ୨୦୦୯ରେ

**ଜାରି ହେଲା ୧୪୪ଧାରା**

ପ୍ରଶାସନ ହାତକୁ ନେଇ ଏକ ସିମେଣ୍ଟ କାରଖାନା କରିବାକୁ ଉଦ୍ୟମ କରିବାରୁ ପ୍ରବଳ ଜନବିରୋଧୀ ହୋଇଥିଲା। ଏହାପରେ କିଛିଦିନ ପାଇଁ ଏନେଇ କୌଣସି ପ୍ରତିକ୍ରିୟା ଦେଖାଯାଇ ନ ଥିଲା। ୨୦୧୭ରେ ଏହି କାରଖାନା ପାଇଁ ଜନଶୁଣାଣି କରିବାରୁ ପୁଣି ଜନସାଧାରଣ ଏହାକୁ ବନ୍ଦ କରିଦେଇଥିଲେ। ଏହି କାରଖାନା ହେଲେ ହେଲେ ବାୟୁ ପ୍ରଦୂଷଣ ଓ ଜଳ ସମସ୍ୟା ଆଦି ଦେଖାଯିବ ବୋଲି ଗ୍ରାମବାସୀ ବିରୋଧ କରୁଛନ୍ତି। ଗତ ୫ମାସ ତଳେ ମୁଖ୍ୟମନ୍ତ୍ରୀ ଏହି କାରଖାନା ପାଇଁ ଭିଡିଓ କନଫରେନ୍ସ ଯୋଗେ ଶୁଭ ଦେବା ପରେ ସ୍ଥାନୀୟଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିଲା। ଗତ ସପ୍ତାହରେ ଏଠାକୁ ପ୍ରଶାସନ ଜମି ଚିହ୍ନଟ ପାଇଁ ଆସିଥିବାବେଳେ ସ୍ଥାନୀୟ ଲୋକେ ଏହାର ବିରୋଧ କରିବାରୁ ଚିହ୍ନଟ ହୋଇପାରି ନ ଥିଲା। ଏବେ ପ୍ରଶାସନ ଏଠାରେ ୧୪୪ଧାରା ଜାରି କରି ଜନତାଙ୍କୁ କୌଣସି ସୁଯୋଗ ନ ଦେଇ ହଠାତ ଚିହ୍ନଟ ପାଇଁ ୪ପ୍ଲାଟୁନ ଫୋର୍ସ ସହ ପୋଲିସ ମୁଖ୍ୟାଳୟର ଇନ୍ସପେକ୍ଟର ବିମଳ ବାରିକ, ଆଠଗଡ଼ ତହସିଲଦାର ତପନ ଖୁଣ୍ଟିଆ, ଖୁଣ୍ଟୁଣୀ ଥାନା ଅଧିକାରୀ ସୁଚିତ୍ର ବୀର୍ଯ୍ୟ ଦାସ, ଗୁରୁଡ଼ିଝାଟିଆ ଥାନାଧିକାରୀ ବିଜୟ କେତନ ବିସି ପ୍ରମୁଖ ଆସି ଜମି ଚିହ୍ନଟ କରିଛନ୍ତି। ଏ ନେଇ ଦୁଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରଶାସନ ଜମି ଚିହ୍ନଟ କଲେ ମଧ୍ୟ ଆଗକୁ ପୋଲିସ ଦୃଢ଼ ଜବାବ ଦିଆଯିବ ବୋଲି ଗ୍ରାମବାସୀ ପ୍ରତିକ୍ରିୟା ରଖିଛନ୍ତି। ଏ ନେଇ କାରଖାନାର ଜେନେରାଲ ମ୍ୟାନେଜର ଅଶୋକ ପଟ୍ଟନାୟକ କୁହନ୍ତି, ଆମେ ଜନସାଧାରଣଙ୍କ ସାଙ୍ଗରେ ଅଛୁ, ସେମାନଙ୍କ ଯାହା ସମସ୍ୟା ସିଧାସଳଖ କହିଲେ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ । ତହସିଲଦାର ତପନ ଖୁଣ୍ଟିଆ କୁହନ୍ତି, ପ୍ରଶାସନ ପକ୍ଷରୁ ଜମି ଚିହ୍ନଟ ହୋଇଯାଇଛି, ମଙ୍ଗଳବାରଠାରୁ ଏହି ଜମିରେ ପାଚେରୀ ନିର୍ମାଣ ନିମନ୍ତେ ଟ୍ରେଞ୍ଚ ଖୋଳାଯିବ।

ଧରିତ୍ରୀ
DHARITRI



# ଲାଞ୍ଚ: ପାଣି ପମ୍ପ ଡ୍ରାଇଭର ଗିରଫ

**କଟକ ଅଫିସ, ୯।୧୨:** ଦୁଇ ହଜାର ଟଙ୍କା ଲାଞ୍ଚ ନେଇ ଭୁବନେଶ୍ୱର କୋଳଥିଆ ହାଉସିଂବୋର୍ଡ କଲୋନୀରେ ଥିବା ଜନସ୍ୱାସ୍ଥ୍ୟ ବିଭାଗର ପାଣି ପମ୍ପ ଡ୍ରାଇଭର ପ୍ରଦୀପ କୁମାର ପଣ୍ଡା ଭିଜିଲାନ୍ସ ହାତରେ ଗିରଫ ହୋଇଛନ୍ତି। ସୋମବାର ସେ ଏହି ଟଙ୍କା ପ୍ରଫୁଲ୍ଲ କୁମାର ଆଚାର୍ଯ୍ୟଙ୍କଠାରୁ ଗ୍ରହଣ କରୁଥିଲେ। ପ୍ରଫୁଲ୍ଲ ହେଉଛନ୍ତି ଇଣ୍ଡିଆନ କାଉନସିଲ ଅଫ ଏଗ୍ରିକଲ୍‌ଚରାଲ ରିସର୍ଚ୍ଚ (ଆଇସିଏଆର୍)ର ସମ୍ପାଦକ। କୋଳଥିଆଠାରେ ଥିବା ତାଙ୍କ ଘରକୁ ଜଳ ସଂଯୋଗ କରିବା ପାଇଁ ସେ ଏହି ଲାଞ୍ଚ ଦାବି କରିଥିଲେ। ପ୍ରଫୁଲ୍ଲଙ୍କ ଘରକୁ ଜଳସଂଯୋଗ ଦୀର୍ଘଦିନ ହେବ ବିଚ୍ଛିନ୍ନ କରାଯାଇଥିଲା। ତେଣୁ ଏ ବାବଦରେ ତାଙ୍କଠାରୁ ଜରିମାନା ନ ନେବା ପାଇଁ ମଧ୍ୟ ସେ ପ୍ରତିଶ୍ରୁତି ଦେଇଥିଲେ। ଖଣ୍ଡଗିରିଠାରେ ଥିବା ଷ୍ଟେଟ୍‌ବ୍ୟାଙ୍କ ଏଟିଏମ୍ ସାମ୍ନାରେ ପମ୍ପ ଡ୍ରାଇଭର ପଣ୍ଡା ପୂର୍ବ ଦାବି ମୁତାବକ ୨ହଜାର ଟଙ୍କା ଆଚାର୍ଯ୍ୟଙ୍କଠାରୁ ଗ୍ରହଣ କରୁଥିବାବେଳେ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏହାପରେ ଭିଜିଲାନ୍ସ ପକ୍ଷରୁ ଭୁବନେଶ୍ୱରଠାରେ ଥିବା ତାଙ୍କ ଘର ଯାଞ୍ଚ କରାଯାଇଛି। ଏ ନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୬୭/୨୦୧୯) ରୁଜୁ ହୋଇଛି।

## ଟାଣିନେଲା ୩୩ କେଭି ବିଦ୍ୟୁତ୍

# ଜଳିଗଲେ ରଙ୍ଗମିସ୍ତ୍ରି, ଅନ୍ୟ ଜଣେ ଗୁରୁତର

**ଭୁବନେଶ୍ୱର,୯।୧୨(ବ୍ୟୁରୋ)**

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶିଶୁ ବିହାରରେ ସୋମବାର ଘଟିଛି ଏକ ଦୁଃଖଦ ଘଟଣା। ଏକ ଘରର ରଙ୍ଗ କାମ ଚାଲିଥିବାବେଳେ ଜଣେ ଯୁବକଙ୍କୁ ଯମ ଭଳି ଟାଣି ନେଇଥିଲା ୩୩ କେଭି ବିଦ୍ୟୁତ୍ ତାର। କେହି କିଛି ବୁଝିବା ପୂର୍ବରୁ ସେ ଜଳିଯାଇ ତଳକୁ ଖସି ପଡିଥିଲେ। ମୃତ ଯୁବକ ଜଣକ ହେଲେ ଶିଖରଚଣ୍ଡୀ ବସ୍ତିରେ ରହୁଥିବା ରଙ୍ଗମିସ୍ତ୍ରି ଲଲନ କୁମାର ଶର୍ମା(୨୪)। ବିଦ୍ୟୁତ୍ ଆଘାତରେ ତାଙ୍କ ସହଯୋଗୀ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ପୋଲିସ ପହଞ୍ଚି ମୃତଦେହ ଓ ଆହତଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଏନେଇ ଇନ୍‌ଫୋସିଟି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା

### ଘରର ଛାତ ଫାଟିଲା, ପୋଡ଼ିଗଲା ବୈଦ୍ୟୁତିକ ସାମଗ୍ରୀ

ନଂ.୬୩/୧୯ ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଲଲନ ଓ ଅନ୍ୟ କେତେଜଣ ସହଯୋଗୀ ୨ଦିନ ହେବ ଶିଶୁବିହାରରେ ରହୁଥିବା ରମେଶ କୁଣ୍ଡଙ୍କ ଘରର ରଙ୍ଗ କାମ କରୁଥିଲେ। ସୋମବାର ପୂର୍ବାହ୍ନ ୧୧ଟାରେ ଲଲନ ଓ ଅନ୍ୟଜଣେ ଉକ୍ତ କୋଠାର ୨ ମହଲା କାନ୍ଥକୁ ବାହାରପଟୁ ରଙ୍ଗ ଦେଉଥିଲେ। ଘର ନିକଟରେ ୩୩ କେଭିର ବିଦ୍ୟୁତ୍ ତାର ଯାଇଛି। ଉଚ୍ଚଶକ୍ତି ସମ୍ପନ୍ନ ଉକ୍ତ ତାରର ନିକଟତର ହେବାମାତ୍ରେ ଲଲନ ଓ ଅନ୍ୟଜଣଙ୍କୁ ହଠାତ୍ ଟାଣି ନେଇଥିଲା। ଏହି ସମୟରେ ଜୋର୍‌ରେ ବିସ୍ଫୋରଣ ହୋଇଥିଲା। ବିଦ୍ୟୁତ୍‌ର ଝଟ୍‌କା ଏତେ ଜୋର୍ ଥିଲା ଯେ, ଏହା ପ୍ରଭାବରେ ଉକ୍ତ ଘରର ଛାତ ଓ କାନ୍ଥ ଚଡ଼୍‌ଚଡ଼୍ ହୋଇ ଫାଟିଯିବା ସହ ଘରେ ଲାଗିଥିବା ତାର ଏବଂ ବୈଦ୍ୟୁତିକ ସରଞ୍ଜାମ ସବୁ ପୋଡ଼ି ଯାଇଥିଲା। ଶବ୍ଦ ଶୁଣି ରଙ୍ଗ ଦେଉଥିବା ଅନ୍ୟ ସାଥୀ ଓ ଘର ମାଲିକ ଦୌଡି ଆସିଥିଲେ। ଲଲନ ସମ୍ପୂର୍ଣ୍ଣ ପୋଡ଼ିଯାଇଥିବାବେଳେ ତାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ସେହିଭଳି ଅନ୍ୟଜଣେ ଆହତ ହୋଇଥିଲେ। ସେମାନେ ଥାନାକୁ ଜଣାଇବା ପରେ ପୋଲିସ ପହଞ୍ଚି ପ୍ରଥମେ ବିଦ୍ୟୁତ୍ ବିଭାଗକୁ ଫୋନ୍‌ରେ ଘଟଣା ସମ୍ପର୍କରେ ସୂଚନା ଦେଇଥିଲା। ବିଦ୍ୟୁତ୍ କଟାଯିବା ପରେ ମୃତଦେହକୁ ଜବତ କରିବା ସହ ଆହତଙ୍କୁ ଉଦ୍ଧାର କରିଥିଲା ପୋଲିସ।

# ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୯।୧୨(ବ୍ୟୁରୋ)**

କ୍ୟାପିଟାଲ ଥାନାଞ୍ଚଳରେ ନାବାଳିକାଙ୍କୁ ବଳାତ୍କାର କରିବା ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କେଦାରପଲ୍ଲୀ ବସ୍ତିର ସୁକାନ୍ତ ନାୟକ(୫୦)। ପୋଲିସ ଉଭୟଙ୍କ ଡାକ୍ତରୀ ମାଇନା କରିବା ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

ସୂଚନାନୁଯାୟୀ, ସୁକାନ୍ତ ଜଣେ ୧୨ ବର୍ଷୀୟା ବାଳିକାଙ୍କୁ ଅନେକ ସମୟରେ ହଇରାଣ କରନ୍ତି। ଗତ ୨୬ ତାରିଖରେ ନାବାଳିକା ଘର ଆଗରେ ଖେଳୁଥିବାବେଳେ ଅଭିଯୁକ୍ତ ତାଙ୍କୁ ଟେକି ନେଇ ଅନ୍ୟଏକ ଘର ଭିତରେ ବଳାତ୍କାର କରିଥିଲେ। ଅନ୍ୟପଟେ ଘର ଲୋକେ ନାବାଳିକାଙ୍କୁ ନ ପାଇ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସୁକାନ୍ତକୁ ଗିରଫ କରିଛି।










1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୦ ଡିସେମ୍ବର, ୨୦୧୯



ଭଗବାନଙ୍କ ନାମ ଜପିଲେ ମଣିଷର ଦେହ, ମନ ସବୁ ଶୁଦ୍ଧ ହୋଇଯାଏ ।

-ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ସୂଚନା ଅଧିକାର କର୍ମୀଙ୍କୁ ହତ୍ୟା ଧମକ, ଥାନାରେ ଅଭିଯୋଗ

**ସାଲେପୁର, ୯।୧୨(ଡି.ଏନ୍.ଏ):** ସାଲେପୁର ବ୍ଲକ୍ ଅନ୍ତର୍ଗତ ଛାଣିପୁର ପଞ୍ଚାୟତ ଅନ୍ତର୍ଗତ ଓରାବାରି ଗ୍ରାମର ସୂଚନା ଅଧିକାର କର୍ମୀ ବସନ୍ତ କୁମାର ବିଶ୍ୱାଳଙ୍କୁ ହତ୍ୟା ଧମକ ଦିଆଯିବା ସହ ତାଙ୍କ ଠାରୁ ଗୁରୁତ୍ୱପୂର୍ଣ୍ଣ କାଗଜ ଛଡାଇ ନିଆଯାଇଛି। ଏନେଇ ବସନ୍ତ ସାଲେପୁର ଥାନାରେ ସୋମବାର ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବ୍ଲକର ଜଣେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନ୍ୟ ୨ ଜଣଙ୍କ ସହ ମିଶି ସରକାରୀ ଅର୍ଥ ହଡ଼ପ କରିଥିବା ଆଶଙ୍କା କରି ସେ ଏହାର ତଥ୍ୟ ହାସଲ ପାଇଁ ସୂଚନା ଅଧିକାରୀ ଆଇନ ବଳରେ ଆବେଦନ କରିଥିଲେ। ଏ ସମ୍ପର୍କରେ ସେ ରାଜ୍ୟ ସୂଚନା ଅଧିକାର କମିଶନକୁ ଅବଗତ କରାଇଥିଲେ। ଏସମ୍ବନ୍ଧରେ ଆଲୋଚନା ପାଇଁ ବସନ୍ତ ବିଡ଼ିଓଙ୍କ କାର୍ଯ୍ୟାଳୟକୁ ଯାଇଥିବା ବେଳେ ହଠାତ୍ କିଛି ଯୁବକ ସେଠାରେ ପହଞ୍ଚି ତାଙ୍କ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଛଡ଼ାଇନେଇଥିଲେ। ଏଥିସହ ତାଙ୍କୁ ଜୀବନରୁ ମାରିଦେବା ଧମକ ଦେଇଥିଲେ। ଏନେଇ ବସନ୍ତ ଥାନାରେ ଅଭିଯୋଗ କରିବା ପରେ ପୋଲିସ୍ ବ୍ଲକ କାର୍ଯ୍ୟାଳୟକୁ ଆସି ତଦନ୍ତ କରିଛି।

### ସ୍ୱାଭିମାନ ଦିବସ ପାଳିତ

**ଆଠଗଡ,୯।୧୨(ସ୍ୱ.ପ୍ର.):** ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ସୋମବାର ସ୍ୱାଭିମାନ ଏକତା ମଞ୍ଚ ପକ୍ଷରୁ ସ୍ୱାଭିମାନ ଦିବସ ପାଳିତ ହୋଇଯାଇଛି। ମଞ୍ଚର କାର୍ଯ୍ୟକାରୀ ସଭାପତି ଆଇନଜୀବୀ ପ୍ରଶାନ୍ତ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବରିଷ୍ଠ ଗ୍ରନ୍ଥକାର ପ୍ରଦ୍ୟୁମ୍ନ ଶତପଥୀ, ପ୍ରଦୋଷ ପଟ୍ଟନାୟକ, ହେମନ୍ତ ତ୍ରିପାଠୀ ଓ ଜନସଂଘର୍ଷ ସମିତି ସଭାପତି ବିଜୟ ପରିଡା ପ୍ରମୁଖ ଯୋଗଦେଇଥିଲେ । ପ୍ରକାଶଯେ,୨୦୦୯ରେ ଆଠଗଡର ବିଧାୟକ ପ୍ରାର୍ଥୀ ତଥା ବର୍ତ୍ତମାନର ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନାମାଙ୍କନ ପତ୍ରକୁ ତତ୍କାଳନୀ ଆଠଗଡ ରିଟର୍ଣ୍ଣି ଅଫିସର ଖାରଜ କରିଥିଲେ । ଏହାର ପ୍ରତିବାଦରେ ରଣେନ୍ଦ୍ର ଆଇନର ଆଶ୍ରୟ ନେଇଥିଲେ। ମାନ୍ୟବର ସୁପ୍ରିମକୋର୍ଟ ୨୦୧୧ ଡିସେମ୍ବର ୯ରେ ରଣେନ୍ଦ୍ରଙ୍କ ସପକ୍ଷରେ ରାୟ ପ୍ରକାଶ କରିଥିଲେ । ସେହିଦିନରୁ ପ୍ରତିବର୍ଷ ଡିସେମ୍ବର ୯ରେ ଏହି ମଞ୍ଚ ପକ୍ଷରୁ ସ୍ୱାଭିମାନ ଦିବସ ପାଳିତ ହୋଇଆସୁଛି । ଏହି କାର୍ଯ୍ୟକ୍ରମରେ ସତ୍ୟେନ୍ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିନୟ ଶୁକ୍ଳା ଧନ୍ୟବାଦ ଅର୍ପଣ କରିଥିଲେ ।

### ମନୁଷ୍ୟର କର୍ମ ହିଁ ଅମରତ୍ୱ ପ୍ରଦାନ କରେ

**ମାହାଙ୍ଗା,୯।୧୨(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ଚାହାପଡା ପଞ୍ଚାୟତ ଜହଲ ଗ୍ରାମର ବିଶିଷ୍ଟ କଳାକାର ତଥା ସାମାଜିକ କର୍ମୀ ବ୍ରଜବନ୍ଧ ବିଶ୍ୱାଳଙ୍କ ସ୍ମୃତିସଭାରେ ଅବସରପ୍ରାପ୍ତ ପ୍ରାଧାପକ ଡ. ଭୁବନାନନ୍ଦ ସାହୁ ଅଧକ୍ଷତା କରିଥିଲେ। ସଭାରେ ମୁଖ୍ୟଅତିଥିଭାବେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ବ୍ରଜବାବୁଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବାଚସ୍ପତି ଶରତ କୁମାର କର, ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ ଅଧକ୍ଷ ଉପେନ୍ଦ୍ର ନାଥ ବେହେରା, ବ୍ଲକ ଅଧକ୍ଷ ଶରତ ନାୟକ, ବ୍ଲକ୍ ବିଜେଡି ସଭାପତି ରାଜ କିଶୋର ଜେନା ଓ ପୂର୍ବତନ ଶିକ୍ଷକ ଅଭୟ ଚରଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ 'ଅମୃତମଣିଷ' ନାମକ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା।

# ବ୍ଲକ କାର୍ଯ୍ୟାଳୟରେ ବହୁ ପଦବୀ ଖାଲି

■ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କଲେ ଲୋକ ପ୍ରତିନିଧି
■ଜନଶୁଣାଣି ଶିବିରରେ ୨୧୮ ଅଭିଯୋଗ

**ବଡମ୍ବା,୯।୧୨(ଡି.ଏନ୍.ଏ.)**

ବଡମ୍ବା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ଜନପ୍ରତିନିଧିମାନେ ଯୋଗଦେଇ ବ୍ଲକ କାର୍ଯ୍ୟାଳୟରେ ବିଭିନ୍ନ ପଦବୀ ଖାଲି ପଡିଥିବା ଅଭିଯୋଗ କରିଛନ୍ତି।

ବ୍ଲକ୍‌ରେ ବିଶେଷ କରି ବିଡିଓ, ହେଡ୍‌କ୍ଲର୍କ, ଏପିଓ, ପିଏ, ବିଓ ଅଧିକାରୀ, ଆଇପିଓ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀଙ୍କ ସମେତ କିଛି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜିଆର୍‌ଏସ୍ ପଦବୀ ଖାଲିପଡ଼ିଥିବାରୁ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏନେଇ ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ, ଗୋପପୁର ସରପଞ୍ଚ ନରସିଂହ ସାହୁ, ବଡ଼ମ୍ବାଗଡ ସମିତିସଭ୍ୟ ମୁରଲୀଧର ମହାପାତ୍ର, ରଗଡ଼ିପଡା ସମିତିସଭ୍ୟ ସଞ୍ଜୟ କୁମାର ସ୍ୱାଇଁ ଓ ଗୋପପୁର ସମିତିସଭ୍ୟ ଲକ୍ଷ୍ମୀଧର ସାହୁ ପ୍ରମୁଖ କଟକ ଜିଲାପାଳ ଭବାନୀ ଶଙ୍କର ଚୟିନୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଉପରୋକ୍ତ ପଦବୀଗୁଡିକ ପର୍ଯ୍ୟାୟକ୍ରମେ ପୂରଣ କରାଯିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଶିବିରରେ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରତିଶ୍ରୁତି ଦେଇଥିଲେ। ବିଭିନ୍ନ ପଞ୍ଚାୟତରେ ଉନ୍ନୟନ ପ୍ରକଳ୍ପଗୁଡିକ ଅନୁମୋଦନ କରାଯାଇ ନାହିଁ ବୋଲି ଶିବିରରେ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ବିଜୟ କୁମାର ଦଳବେହେରା ଅଭିଯୋଗ କରିଥିଲେ। ପରଜାପଡା ପଞ୍ଚାୟତରେ କରାଯାଉଥିବା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ସରପଞ୍ଚ ଚିନ୍ତାମଣି ସାମଲ ଜିଲାପାଳଙ୍କୁ ଜଣାଇଥିଲେ। ଏହାର ତଦନ୍ତ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ରଗଡିପଡା ପଞ୍ଚାୟତରେ ଗୋଟିଏ ପରିବାରର ୩ଜଣ ସଦସ୍ୟ ଭିନ୍ନକ୍ଷମ ହୋଇଥିଲେ ମଧ୍ୟ ପ୍ରମାଣ ପତ୍ର ନ ଥିବାରୁ କୌଣସି ସରକାରୀ ସୁବିଧା ମିଳୁ ନଥିବା ଅଭିଯୋଗ ହୋଇଛି। ଏହି ଘଟଣାର ତଦନ୍ତ ପାଇଁ ଜିଲାପାଳ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଜନଶୁଣାଣି ଶିବିରରେ ସମୁଦାୟ ୨୧୮ ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିରୁ ୨୧୭ ବ୍ୟକ୍ତିଗତ ଅଭିଯୋଗ ହୋଇଥିବାବେଳେ ଗୋଟିଏ ସାମୂହିକ ଅଭିଯୋଗ ହୋଇଥିଲା । ସେହିପରି ୩୪ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଶିବିରରେ ୮ଜଣ ହିତାଧିକାରୀଙ୍କୁ ଭିନ୍ନକ୍ଷମ ଭତ୍ତା ଓ ୧୮ଜଣଙ୍କୁ ଅନ୍ୟାନ୍ୟ ଭତ୍ତା ଓ ରେଡ୍‌କ୍ରସ ଫଣ୍ଡରୁ ୨ଜଣ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଇଛି । କଟକ ଜିଲାପାଳ ଚୟନିଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ପ୍ରକଳ୍ପ ନିର୍ଦ୍ଦେଶକ ମହମ୍ମଦ ଅବଦାଲ୍ ଅଖତାର, ଜିଲା ଆରକ୍ଷୀ ଅଧିକାରୀ ରାଧାବିନୋଦ ପାଣିଗ୍ରାହୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ସତ୍ୟବ୍ରତ ଛୋଟରାୟ, ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା, ଆଠଗଡ଼ ଉପଜିଲାପାଳ ଅମୀୟ କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଝାଡ଼ାବାନ୍ତିରେ ୩୦ ଆକ୍ରାନ୍ତ

## ୧୦ଦିନ ବିତିଲା, ନିଆଯାଉନି ଆଖିଦୃଶିଆ ପଦକ୍ଷେପ

**କଟକ ଅଫିସ, ୯।୧୨**

କଟକ ମହାନଦୀ ବିହାର ଓ ଏହାର ଆଖପାଖ ଅଞ୍ଚଳରେ ଗତ ୧୦ଦିନ ହେବ ଝାଡ଼ାବାନ୍ତି ଲାଗିରହିଛି। କିଛିଦିନ ତଳେ ତଳସାହିର ୨୨ଜଣ ବ୍ୟକ୍ତି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ପରେ ଜିଲା ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ଜଳ ନମୁନା ସଂଗ୍ରହ କରିବା ସହ ସଚେତନତା ଶିବିର ଆୟୋଜନ କରିଥିଲା। ମାତ୍ର ଏହି ଅଞ୍ଚଳରେ ଝାଡାବାନ୍ତି ଏପର୍ଯ୍ୟନ୍ତ ଥମିବାର ନାଁ ଧରୁନି। ସୋମବାର ମହାନଦୀ ବିହାର ଅଞ୍ଚଳରେ ବିଭିନ୍ନ ନର୍ସିଂହୋମ୍‌ରେ ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଖବର ମିଳିଛି। ବିଶେଷକରି ଶିଖରପୁର ତଳସାହି, ଗଣ୍ଡରପୁର, ଡିଭାଇନ ନଗରରେ ଲୋକମାନେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ହେଲେ ଏପର୍ଯ୍ୟନ୍ତ କଟକ ମହାନଗର ନିଗମ(ସିଏମ୍‌ସି) କିମ୍ବା ଜିଲା ପ୍ରଶାସନ ପକ୍ଷରୁ ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। ଏପରି କି ଜିଲା ପ୍ରଶାସନ ପାଖରେ ଏ ନେଇ କୌଣସି ଖବର ନାହିଁ। ଘଟଣା ସମ୍ପର୍କରେ କଟକ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପଚାରିବାରୁ ସେ ଏହି ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବା ସମ୍ପର୍କରେ ଅବଗତ ନ ଥିବା କହିଛନ୍ତି। ତେବେ ତୁରନ୍ତ ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି ସିଡିଏମ୍‌ଓ ଡା. ସତ୍ୟବ୍ରତ ଛୋଟରାୟ କହିଛନ୍ତି।

ସୂଚନାଯୋଗ୍ୟ, ସହରର ବିଭିନ୍ନ ସ୍ଥାନରେ ଡ୍ରେନ୍ ପାର୍ଶ୍ୱ ଦେଇ ପାଣି ପାଇପ ଯାଇଛି। ଜାଇକା କାର୍ଯ୍ୟ ଯୋଗୁ କେତେକ ସ୍ଥାନରେ ପାଣି ପାଇପ ଫାଟି ଯିବାରୁ ଡ୍ରେନ୍ ପାଣି ସେଥିରେ ମିଶୁଛି। ଫଳରେ ଏହି ପାଣି ପିଇବା ଦ୍ୱାରା ଲୋକମାନେ ଝାଡ଼ବାନ୍ତିରେ ଆକ୍ରାନ୍ତ ହେଉଥିବା ସାମାଜିକ କର୍ମୀ ସଞ୍ଜୟ କୁମାର ଜେନା କହିଛନ୍ତି। ଅନ୍ୟପକ୍ଷରେ ବିନା ଲାଇସେନ୍ସରେ ଖୋଲିଥିବା ଜଳଖିଆ ଦୋକାନଗୁଡ଼ିକରେ ନିମ୍ନମାନର ଖାଦ୍ୟ ପ୍ରସ୍ତୁତ ହେଉଛି। ଫଳରେ ବାସିଖାଦ୍ୟ ଯୋଗୁ ଲୋକେ ଝାଡାବାନ୍ତିରେ ଆକ୍ରାନ୍ତ ହେଉଥିବା ମଧ୍ୟ ଅଭିଯୋଗ ହେଉଛି। ତୁରନ୍ତ ସିଏମ୍‌ସି କର୍ତ୍ତୃପକ୍ଷ ଖାଦ୍ୟର ମାନ ଯାଞ୍ଚ କରିବା, ପାଣି ପାଇପ ଲାଇନ୍‌କୁ ମରାମତି କରିବା ସହ ଲୋକଙ୍କୁ ସଚେତନ କରିବା ପାଇଁ ସାଧାରଣରେ ଦାବି ହେଉଛି।



ଅତିଥିଙ୍କଠାରୁ ଚାମ୍ପିୟନ୍ ଦଳର ଖେଳାଳିମାନେ ପୁରସ୍କାର ଗ୍ରହଣ କରୁଛନ୍ତି।

## ରାଜ୍ୟସ୍ତରୀୟ ବରିଷ୍ଠ ଖୋ-ଖୋ ଚାମ୍ପିୟନଶିପ୍ ଉଦ୍‌ଯାପିତ

# ପୁରୁଷ ବର୍ଗରେ ବାଲେଶ୍ୱର, ମହିଳା ବର୍ଗରେ କିସ୍ ଚାମ୍ପିୟନ

**ଆଠଗଡ,୯।୧୨(ସ୍ୱ.ପ୍ର.)–** ଆଠଗଡସ୍ଥିତ ଗୋପବନ୍ଧୁ ବିଜ୍ଞାନ କଲେଜ ଖେଳପଡିଆରେ ୩ ଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ବରିଷ୍ଠ ଦିବାରାତ୍ର ଖୋ-ଖୋ ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ଖୋ-ଖୋ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ୨୦ଟି ଜିଲାରୁ ୧୮ ପୁରୁଷ ଦଳ ଓ ୧୪ ମହିଳା ଦଳର ପ୍ରାୟ ୬୫୦ କ୍ରୀଡାବିତ୍ ଯୋଗ ଦେଇଥିଲେ । ପୁରୁଷ ବର୍ଗରେ ବାଲେଶ୍ୱର ଦଳ ଚାମ୍ପିୟନ ହୋଇଥିବା ବେଳେ ଭୁବନେଶ୍ୱରର କିସ୍ ରନର୍ସଅପ୍ ହୋଇଥିଲା। କଟକ ଜିଲା ୩ୟସ୍ଥାନ ବଜାୟ ରଖିବାରେ ସକ୍ଷମ ହୋଇଥିଲେ। ସେହିପରି ମହିଳା ବର୍ଗରେ ଭୁବନେଶ୍ୱରର କିସ୍ ଦଳ ଚାମ୍ପିୟନ, ବାଲେଶ୍ୱର ଦଳ ରନର୍ସଅପ ହୋଇଥିବା ବେଳେ ଜଗତସିଂହପୁର ଦଳ ୩ୟ ସ୍ଥାନ ଅକ୍ତିଆର କରିଥିଲା । ଆଠଗଡ ଖୋ-ଖୋ ଆସୋସିଏଶନର ସଭାପତି ଲକ୍ଷ୍ମୀନାରାୟଣ ଭଞ୍ଜଙ୍କ ସଭାପତିତ୍ୱରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କଟକ ଗ୍ରାମାଞ୍ଚଳ ଜିଲା ଏସପି ରାଧାବିନୋଦ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ତହସିଲଦାର ସୁଧାଂଶୁ ଶେଖର ସାହୁ, ରାଜ୍ୟ ଖୋ-ଖୋ ଆସୋସିଏଶନ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଆଠଗଡ ଡିଏସପି ଆଲୋକ କୁମାର ରାୟ, ପୂର୍ବତନ ନଗରପାଳ ସୁବର୍ଣ୍ଣ ମଞ୍ଜରୀ ଭଞ୍ଜ, ଢେଙ୍କାନାଳ ଜିଲା କ୍ରୀଡାଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି ଓ ଆଠଗଡ କ୍ରୀଡା ସଂସଦର ଯୁଗ୍ମ ସଂପାଦକ ସୋମନାଥ ଭକ୍ତା ପ୍ରମୁଖ ଯୋଗଦେଇଥିଲେ। ବିଶ୍ୱନାଥ ବିଦ୍ୟାପୀଠ କ୍ରୀଡାଶିକ୍ଷକ ଭାଗ୍ୟଧର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଠଗଡ ଖୋ-ଖୋ ଆସୋସିଏଶନର ସମ୍ପାଦକ ଶୁଭାଶିଷ ସାହୁ ସ୍ୱାଗତ ଭାଷଣ ଓ ଉପସଭାପତି ମନୋରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଫନୀ ସହାୟତା ବାବଦରେ ୧୮୦ କୋଟି ଟଙ୍କା ଦାବି

**ଲଳିତଗିରି,୯।୧୨(ସ୍ୱ.ପ୍ର):** କଟକ ଜିଲାର ମାହାଙ୍ଗା, ସାଲେପୁର, ନିଶ୍ଚିନ୍ତକୋଇଲି, ନିଆଳି, କଣ୍ଟାପଡା ଆଦି ବ୍ଲକରେ ଫନୀରେ ବହୁ କ୍ଷୟକ୍ଷତି ଘଟିଥିଲା। ଏହି ବାତ୍ୟାରେ ଅନେକ ଚାଳ ଘର, ରବି ଓ ମୁଗ ଫସଲ ନଷ୍ଟ ହୋଇଥିଲା। ଏନେଇ ରାଜ୍ୟ କୃଷକ ଏବଂ ଗ୍ରାମାଞ୍ଚଳ ଶିଳ୍ପ କ୍ଲବ ଅଚ୍ୟୁତପୁର ଗୌଡଗୋପ ପକ୍ଷରୁ ଚାଷୀ ଓ ହିତାଧିକାରୀମାନଙ୍କୁ ୧୮୦ କୋଟି ଟଙ୍କାର ସହାୟତା ପ୍ରଦାନ ନିମନ୍ତେ ଦାବି ହୋଇଛି । ଏଥିଲାଗି ୫-ଟି ଦାୟିତ୍ୱରେ ଥିବା ସଚିବ ଭି.କାର୍ତ୍ତିକେୟନ ପାଣ୍ଡିଆନଙ୍କ ନିକଟରେ କ୍ଲବ ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି । ଫନୀରେ ଉପରୋକ୍ତ ୫ ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲେ ମଧ୍ୟ ପ୍ରଶାସନ ପ୍ରକୃତ ହିତାଧିକାରୀ ଚିହ୍ନଟରେ ବିଫଳ ହୋଇଛି ବୋଲି କ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଗରିବ ହିତାଧିକାରୀଙ୍କ ନାମ ତାଲିକାରୁ ବାଦ୍ ପଡିଥିବାରୁ ସେମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଏଥିରେ ଉଲ୍ଲେଖ ହୋଇଛି। ଏନେଇ ସ୍ଥାନୀୟ ତହସିଲ କର୍ମଚାରୀଙ୍କୁ ଫନୀ ତଦନ୍ତ ଦାୟିତ୍ୱ ଦିଆ ନ ଯାଇ ବାହର ତହସିଲ କର୍ମଚାରୀଙ୍କୁ ଏହାର ଦାୟିତ୍ୱ ଦିଆଗଲେ ସରକାରଙ୍କୁ ଠିକ ତଥ୍ୟ ମିଳିପାରିବ ବୋଲି ପ୍ରଧାନ କହିଛନ୍ତି।

## ବାଙ୍କୀ କଲେଜ ପରିସର ପୋଷ୍ଟ ଅଫିସରୁ ଚୋରି ଘଟଣା

# ଧରାପଡ଼ିଲେ ୪ ଅଭିଯୁକ୍ତ



ପୋଲିସଙ୍କ ଗହଣରେ ୪ ଅଭିଯୁକ୍ତ ।

**ବାଙ୍କୀ, ୯।୧୨ (ସ୍ୱ.ପ୍ର.)**

ବାଙ୍କୀ କଲେଜ ପରିସରରେ ଥିବା ଡାକ ଘରୁ ଗତ ୨୬ ତାରିଖ ରାତିରେ ଚୋରି ହୋଇଥିଲା। ଏନେଇ ବାଙ୍କୀ ଥାନାରେ ସବ୍ ପୋଷ୍ଟମାଷ୍ଟର ଅନୀତା ରାଣୀ ସାହୁ ଅଭିଯୋଗ କରିବା ପରେ ମାମଲା (ନଂ.୩୩୪/୧୯)ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ଏହି ଅଭିଯୋଗରେ ସୋମବାର ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଚୋରି କରିବା ଅଭିଯୋଗରେ ରଣପୁର ଗ୍ରାମର ପ୍ରୀତମ ପ୍ରଧାନ ଓରଫ୍ ଗୁରୁ ଓ ଡାଙ୍ଗିପିଟା ଗ୍ରାମର ଅଙ୍କିତ କୁମାର ରାଉତ ଓରଫ ସିଲୁଙ୍କୁ ଗିରଫ କରାଯାଇଥିବା ବେଳେ ସାମଗ୍ରୀ କିଣିବା ଅଭିଯୋଗରେ ବାଙ୍କୀ ଟାଉନ୍ ନୃସିଂହ ଛକସ୍ଥିତ କମ୍ପ୍ୟୁଟର ଦୋକାନୀ ଜଗନ୍ନାଥ ପୃଷ୍ଟି ଏବଂ ଡାଙ୍ଗିପିଟା ଗ୍ରାମର ସୁରେଶ ଚନ୍ଦ୍ର ରାଉତଙ୍କୁ ଗିରଫ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ପ୍ରସନ୍ନ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆଇଆଇସି ସମୀର କୁମାର ପଣ୍ଡା ଓ ତଦନ୍ତକାରୀ ଅଧିକାରୀ ଶତ୍ରୁଘନ ଦଳେଇ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ ବୋଲି ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଗତ ୨୬ରେ ଏହି ପୋଷ୍ଟ ଅଫିସରୁ ଡେକ୍ସଟପ୍, ଓଜନ ମେସିନ, ୨ଟା ପ୍ରିଣ୍ଟର୍, ପୋଷ୍ଟାଲ ଅର୍ଡର ଥିବା ଗୋଟିଏ କାଠ ବାକ୍ସ ଚୋରି ହୋଇଥିଲା ।

# ବିରୋଧ ସତ୍ତ୍ୱେ କାରଖାନା ପାଇଁ ଚିହ୍ନଟ ହେଲା ଜମି

**ଜାରି ହେଲା ୧୪୪ ଧାରା**

**ଖୁଣ୍ଟୁଣୀ,୯।୧୨(ଡି.ଏନ.ଏ)**

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଖମାର ନୂଆଗାଁ ଓ ଗୁରୁଡ଼ିଝାଟିଆ ଥାନାର କୋଳଥପଙ୍ଗୀ ଗ୍ରାମ ଦ୍ୱୟରେ ଥିବା ପ୍ରସ୍ତାବିତ ସିମେଣ୍ଟ କାରଖାନା ନିମନ୍ତେ ସୋମବାର ଜମି ଚିହ୍ନଟ କାର୍ଯ୍ୟ ଶେଷ ହୋଇଛି। ଏହି ଦୁଇ ଗ୍ରାମବାସୀଙ୍କ ଏକମାତ୍ର ଗୋଚରଜମିକୁ ପ୍ରଶାସନ ଚଞ୍ଚକତା କରି କାରଖାନାର ସପକ୍ଷ ସାଜି ଚିହ୍ନଟ ହେବା ପୂର୍ବରୁ ଶନିବାର ଏଠାରେ ୧୪୪ଧାରା ଜାରି କରିଥିବା ଗ୍ରାମର ଅମରେନ୍ଦ୍ର ରାଉତ ଓ ନରେନ୍ଦ୍ର ସେଠୀ ପ୍ରମୁଖ କହିଛନ୍ତି। ସୂଚନାଯୋଗ୍ୟ, କୋଳଥପଙ୍ଗୀ ଓ ଖମାରନୂଆଗାଁର ୯୦ ଏକର ଗୋଚରଜମିକୁ ଗତ ୨୦୦୯ରେ ପ୍ରଶାସନ ହାତକୁ ନେଇ ଏକ ସିମେଣ୍ଟ କାରଖାନା କରିବାକୁ ଉଦ୍ୟମ କରିବାରୁ ପ୍ରବଳ ଜନବିରୋଧୀ ହୋଇଥିଲା। ଏହାପରେ କିଛିଦିନ ପାଇଁ ଏନେଇ କୌଣସି ପ୍ରତିକ୍ରିୟା ଦେଖାଯାଇ ନ ଥିଲା। ୨୦୧୭ରେ ଏହି କାରଖାନା ପାଇଁ ଜନଶୁଣାଣି କରିବାରୁ ପୁଣି ଜନସାଧାରଣ ଏହାକୁ ବନ୍ଦ କରିଦେଇଥିଲେ। ଏହି କାରଖାନା ହେଲେ ହେଲେ ବାୟୁ ପ୍ରଦୂଷଣ ଓ ଜଳ ସମସ୍ୟା ଆଦି ଦେଖାଯିବ ବୋଲି ଗ୍ରାମବାସୀ ବିରୋଧ କରୁଛନ୍ତି। ଗତ ୫ମାସ ତଳେ ମୁଖ୍ୟମନ୍ତ୍ରୀ ଏହି କାରଖାନା ପାଇଁ ଭିଡିଓ କନଫରେନ୍ସ ଯୋଗେ ଶୁଭ ଦେବା ପରେ ସ୍ଥାନୀୟଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିଲା। ଗତ ସପ୍ତାହରେ ଏଠାକୁ ପ୍ରଶାସନ ଜମି ଚିହ୍ନଟ ପାଇଁ ଆସିଥିବାବେଳେ ସ୍ଥାନୀୟ ଲୋକେ ଏହାର ବିରୋଧ କରିବାରୁ ଚିହ୍ନଟ ହୋଇପାରି ନ ଥିଲା। ଏବେ ପ୍ରଶାସନ ଏଠାରେ ୧୪୪ଧାରା ଜାରି କରି ଜନତାଙ୍କୁ କୌଣସି ସୁଯୋଗ ନ ଦେଇ ହଠାତ ଚିହ୍ନଟ ପାଇଁ ୪ପ୍ଲାଟୁନ ଫୋର୍ସ ସହ ପୋଲିସ ମୁଖ୍ୟାଳୟର ଇନ୍‌ସପେକ୍ଟର ବିମଳ ବାରିକ, ଆଠଗଡ଼ ତହସିଲଦାର ତପନ ଖୁଣ୍ଟିଆ, ଖୁଣ୍ଟୁଣୀ ଥାନା ଅଧିକାରୀ ସୁଚିତ୍ର ବୀର୍ଯ୍ୟ ଦାସ, ଗୁରୁଡ଼ିଝାଟିଆ ଥାନାଧିକାରୀ ବିଜୟ କେତନ ବିସି ପ୍ରମୁଖ ଆସି ଜମି ଚିହ୍ନଟ କରିଛନ୍ତି। ଏ ନେଇ ଦୁଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରଶାସନ ଜମି ଚିହ୍ନଟ କଲେ ମଧ୍ୟ ଆଗକୁ ପୋଲିସ ଦୃଢ଼ ଜବାବ ଦିଆଯିବ ବୋଲି ଗ୍ରାମବାସୀ ପ୍ରତିକ୍ରିୟା ରଖିଛନ୍ତି। ଏ ନେଇ କାରଖାନାର ଜେନେରାଲ ମ୍ୟାନେଜର ଅଶୋକ ପଟ୍ଟନାୟକ କୁହନ୍ତି, ଆମେ ଜନସାଧାରଣଙ୍କ ସାଙ୍ଗରେ ଅଛୁ, ସେମାନଙ୍କ ଯାହା ସମସ୍ୟା ସିଧାସଳଖ କହିଲେ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ । ତହସିଲଦାର ତପନ ଖୁଣ୍ଟିଆ କୁହନ୍ତି, ପ୍ରଶାସନ ପକ୍ଷରୁ ଜମି ଚିହ୍ନଟ ହୋଇଯାଇଛି, ମଙ୍ଗଳବାରଠାରୁ ଏହି ଜମିରେ ପାଚେରୀ ନିର୍ମାଣ ନିମନ୍ତେ ଟ୍ରେଞ୍ଚ ଖୋଳାଯିବ।

# ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା

**ନିଶ୍ଚିନ୍ତକୋଇଲି,୯।୧୨ (ସ୍ୱ.ପ୍ର.)** ନିଶ୍ଚିନ୍ତକୋଇଲି ବ୍ଲକ ଅହମ୍ମଦ ବକ୍ସ ହାଇସ୍କୁଲ ପରିସରରେ ଗୋପୀନାଥ ବେହେରା ଫାଉଣ୍ଡେସନ ଓ ସଙ୍ଗୀତ ଆଶ୍ରମ ଓଥକାର ମିଳିତ ଆନୁକୂଲ୍ୟରେ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏହି ଅବସରରେ ବିଭିନ୍ନ ଜିଲାରୁ ଆସିଥିବା କଳାକାରମାନଙ୍କ ମଧ୍ୟରେ ସଙ୍ଗୀତ, ତବଲା ବାଦନ ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ହୋଇଥିଲା। ଏହାକୁ ପ୍ରଧାନଶିକ୍ଷକ ରବୀନ୍ଦ୍ରନାଥ ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସାନ୍ଧ୍ୟ ଅଧିବେଶନରେ ମୁଖ୍ୟ ଅତିଥିଭାବେ ସରପଞ୍ଚ ରବୀନ୍ଦ୍ରନାଥ ସେଠୀ, ଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ କ୍ଷୀରୋଦ ଚନ୍ଦ୍ର ପଣ୍ଡା ଓ ଗୋପୀନାଥ ବେହେରା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ରବୀନ୍ଦ୍ର ନାଥ ମିଶ୍ର, ତନ୍ମୟ ନନ୍ଦ,ପ୍ରିୟ ରଞ୍ଜନ ମଲିକ ଓ ହିରନ୍ୟମୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ଲାଷ୍ଟିକ୍ ବର୍ଜନ ସଚେତନତା କାର୍ଯ୍ୟକ୍ରମ

**ସାଲେପୁର,୯।୧୨(ଡି.ଏନ୍.ଏ)**

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଏନ୍.ସି.ସି ବାଳକ ବିଭାଗ ପକ୍ଷରୁ ସୋମବାର ସ୍ୱଚ୍ଛଭାରତ ମିଶନ୍ ଓ ପ୍ଲାଷ୍ଟିକ୍ ବର୍ଜନ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍‌ସିସି ଅଫିସର୍ ଅଧ୍ୟାପକ ଜୀବନଜ୍ୟୋତି ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଡ. ଉମେଶ ଚନ୍ଦ୍ର ପତି ଯୋଗଦେଇ ପ୍ଲାଷ୍ଟିକ୍ ବ୍ୟବହାର ଦ୍ୱାରା ମଣିଷ ଶରୀରରେ କୁପ୍ରଭାବ ପଡ଼ିଥାଏ ବୋଲି କହିଥିଲେ। ଏଥିଯୋଗୁ ପ୍ଲାଷ୍ଟିକ୍ ବର୍ଜନ କରି ପରିବେଶକୁ ସ୍ୱଚ୍ଛ ଏବଂ ନିର୍ମଳ ରଖିବା ପାଇଁ ସେ ପରାମର୍ଶ ଦେଇଥିଲେ। ପରେ ଛାତ୍ରମାନଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା।




ଏନ୍‌ସିସି ଛାତ୍ରମାନେ ପ୍ଲାଷ୍ଟିକ୍ ବର୍ଜନ ପାଇଁ ସଚେତନତା ସୃଷ୍ଟି କରୁଛନ୍ତି।

# ମାହାଙ୍ଗାରେ ବେଆଇନ ବାଲି ଚାଲାଣ

■ବ୍ୟାପକ ରାଜସ୍ୱ ହାନି
■ନୀରବଦ୍ରଷ୍ଟା ସାଜିଛି ପ୍ରଶାସନ
■ନିଲାମ ନିୟମକୁ ମାନୁନାହାନ୍ତି ଠିକାଦାର

**ମାହାଙ୍ଗା,୯।୧୨(ସ୍ୱ.ପ୍ର.)**

ମାହାଙ୍ଗା ତହସିଲ ଅଧୀନ କୁସୁପୁର ଏବଂ ଗୁଣ୍ଡୁପୁରସ୍ଥିତ ବିରୂପା ନଦୀରୁ ପ୍ରତ୍ୟହ ଶହ ଶହ ଟ୍ରିପ ବାଲି ବେଆଇନ ଭାବେ ଚୋରା ଚାଲାଣ ହେଉଛି। ଏହା ଦ୍ୱାରା ରାଜ୍ୟ ସରକାରଙ୍କ ବ୍ୟାପକ ରାଜସ୍ୱ ହାନି ହେଉଛି। ମାତ୍ର ବ୍ଲକ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, କୁସୁପୁର ଘାଟି ନିଲାମ ହୋଇ ନ ଥିବା ବେଳେ ଏଠାରୁ ବାଲି ପ୍ରତ୍ୟେହ ଚୋରି ଚାଲାଣ କରାଯାଇ ବାହାରେ ବିକ୍ରି କରାଯାଉଛି । ସେହିପରି ତହସିଲ ପ୍ରଶାସନ ପକ୍ଷରୁ ଗୁଣ୍ଡୁପୁର ଘାଟଟି ନିଲାମ ହୋଇଥିବା ସୂଚନା ମିଳିଛି, କିନ୍ତୁ ଏଠାରେ ଅଭିନବ ଉପାୟରେ ବାଲି ଚୋରା ଚାଲାଣ କରାଯାଉଛି। ଏହି ଘାଟ ନିଲାମ ହୋଇଥିଲେ ମଧ୍ୟ ଏଠାରେ ତହସିଲ ପକ୍ଷରୁ ବାଲିଉଠାଣ ପାଇଁ ସୀମା ନିର୍ଦ୍ଧାରଣ କରାଯାଇଛି । ସେହିପରି ମେସିନ ଦ୍ୱାରା ବାଲି ଉଠା ହେବାର କୌଣସି ନିୟମ ନାହିଁ । ସେହିପରି ରାତିରେ ବାଲି ଉଠାଯିବାର ମଧ୍ୟ ନିୟମ ନାହିଁ । କିନ୍ତୁ ଏହି ଘାଟଟିରୁ ରାତି ହେଲେ ବହୁ ସଂଖ୍ୟାରେ ବଡ ବଡ ଗାଡି ଲାଗୁଛି। ଏସବୁ ଗାଡି ଦ୍ୱାରା ୨ଟି ମେଶିନ ସାହାଯ୍ୟରେ ବାଲି ଉଠାଣ କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏପରି କି ତହସିଲ ପକ୍ଷରୁ ଦିଆଯାଇଥିବା ସୀମା ବାହାରେ ଏବଂ ଅଧିକ ଗଭୀରରୁ ଏହି ବାଲି ଉଠାଯାଉଛି । କିନ୍ତୁ ରାଜସ୍ୱ ନିରୀକ୍ଷକ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଚୁପ୍ ବସିଛନ୍ତି । ଏ ସମ୍ପର୍କରେ ମାହାଙ୍ଗା ଭାରପ୍ରାପ୍ତ ତହସିଲଦାର ଦିଲ୍ଲୀପ ନାୟକ କହିଛନ୍ତି, କୁସୁପୁରଠାରେ ଚୋରାରେ ବାଲି ଉଠାଣ ହେଉଥିବା ନେଇ ସୂଚନା ମିଳିଛି। କିନ୍ତୁ ଗୁଣ୍ଡୁପୁର ଘାଟି ନିଲାମ କରାଯାଇଛି। ସେଠାରେ ବେଆଇନଭାବେ ବାଲିଉଠାଣ କରାଯାଉଥିଲେ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



ବେଆଇନ ଭାବେ ମେଶିନ୍ ସାହାର୍ଯ୍ୟରେ ବାଲି ଚାଲାଣ ହେଉଛି।



ଭଗବାନଙ୍କ ନାମ ଜପିଲେ ମଣିଷର ଦେହ, ମନ ସବୁ ଶୁଦ୍ଧ ହୋଇଯାଏ ।
- ରାମକୃଷ୍ଣ ପରମହଂସ



# ଝାଡ଼ାବାନ୍ତିରେ ୩୦ ଆକ୍ରାନ୍ତ

## ୧୦ଦିନ ବିତିଲାଣି, ନିଆଯାଉନି ଆଖିଦୃଶିଆ ପଦକ୍ଷେପ

**କଟକ ଅଫିସ, ୯।୧୨**

କଟକ ମହାନଦୀ ବିହାର ଓ ଏହାର ଆଖପାଖ ଅଞ୍ଚଳରେ ଗତ ୧୦ଦିନ ହେବ ଝାଡ଼ାବାନ୍ତି ଲାଗି ରହିଛି। କିଛିଦିନ ତଳେ ତଳସାହିର ୨୨ଜଣ ବ୍ୟକ୍ତି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ପରେ ଜିଲା ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ଜଳ ନମୁନା ସଂଗ୍ରହ କରିବା ସହ ସଚେତନତା ଶିବିର ଆୟୋଜନ କରିଥିଲା। ମାତ୍ର ଏହି ଅଞ୍ଚଳରେ ଝାଡାବାନ୍ତି ଏପର୍ଯ୍ୟନ୍ତ ଥମିବାର ନାଁ ଧରୁନି। ସୋମବାର ମହାନଦୀ ବିହାର ଅଞ୍ଚଳରେ ବିଭିନ୍ନ ନର୍ସିଂହୋମ୍‌ରେ ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଖବର ମିଳିଛି। ବିଶେଷକରି ଶିଖରପୁର ତଳସାହି, ଗଣ୍ଡରପୁର, ଡିଭାଇନ ନଗରରେ ଲୋକମାନେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ହେଲେ ଏପର୍ଯ୍ୟନ୍ତ କଟକ ମହାନଗର ନିଗମ(ସିଏମ୍‌ସି) କିମ୍ବା ଜିଲା ପ୍ରଶାସନ ପକ୍ଷରୁ ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। ଏପରି କି ଜିଲା ପ୍ରଶାସନ ପାଖରେ ଏ ନେଇ କୌଣସି ଖବର ନାହିଁ। ଘଟଣା ସମ୍ପର୍କରେ କଟକ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପଚାରିବାରୁ ସେ ଏହି ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବା ସମ୍ପର୍କରେ ଅବଗତ ନ ଥିବା କହିଛନ୍ତି। ତେବେ ତୁରନ୍ତ ଅନୁଧାନ କରି ପଦକ୍ଷେପ ନିଆଯିବ ବୋଲି ସିଡିଏମ୍‌ଓ ଡା. ସତ୍ୟବ୍ରତ ଛୋଟରାୟ କହିଛନ୍ତି।

ସୂଚନାଯୋଗ୍ୟ, ସହରର ବିଭିନ୍ନ ସ୍ଥାନରେ ଡ୍ରେନ୍ ପାର୍ଶ୍ୱ ଦେଇ ପାଣି ପାଇପ ଯାଇଛି। ଜାଇକା କାର୍ଯ୍ୟ ଯୋଗୁ କେତେକ ସ୍ଥାନରେ ପାଣି ପାଇପ ଫାଟି ଯିବାରୁ ଡ୍ରେନ୍ ପାଣି ସେଥିରେ ମିଶୁଛି। ଫଳରେ ଏହି ପାଣି ପିଇବା ଦ୍ୱାରା ଲୋକମାନେ ଝାଡ଼ବାନ୍ତିରେ ଆକ୍ରାନ୍ତ ହେଉଥିବା ସାମାଜିକ କର୍ମୀ ସଞ୍ଜୟ କୁମାର ଜେନା କହିଛନ୍ତି। ଅନ୍ୟପକ୍ଷରେ ବିନା ଲାଇସେନ୍ସରେ ଖୋଲିଥିବା ଜଳଖିଆ ଦୋକାନଗୁଡ଼ିକରେ ନିମ୍ନମାନର ଖାଦ୍ୟ ପ୍ରସ୍ତୁତ ହେଉଛି। ଫଳରେ ବାସିଖାଦ୍ୟ ଯୋଗୁ ଲୋକେ ଝାଡାବାନ୍ତିରେ ଆକ୍ରାନ୍ତ ହେଉଥିବା ମଧ ଅଭିଯୋଗ ହେଉଛି। ତୁରନ୍ତ ସିଏମ୍‌ସି କର୍ତ୍ତୃପକ୍ଷ ଖାଦ୍ୟର ମାନ ଯାଞ୍ଚ କରିବା, ପାଣି ପାଇପ ଲାଇନ୍‌କୁ ମରାମତି କରିବା ସହ ଲୋକଙ୍କୁ ସଚେତନ କରିବା ପାଇଁ ସାଧାରଣରେ ଦାବି ହେଉଛି।



କଟକ ମାତୃଭବନ ପରିସରରେ ଅନୁଷ୍ଠିତ ବାର୍ଷିକ କ୍ରୀଡାର ଉଦ୍‌ଯାପନୀ ଦିବସରେ ଛାତ୍ରୀଛାତ୍ରମାନେ ଡ୍ରିଲ କରୁଛନ୍ତି।

## ସଂକ୍ଷେପରେ

### ଧାର୍ମିକସ୍ଥଳରେ ଏମ୍‌ପିଙ୍କ ପାଣ୍ଠିରୁ ଖର୍ଚ୍ଚ

**ଲୋକପାଳ କୋର୍ଟରେ ମାମଲା**

**କଟକସଦର,୯।୧୨(ଡି.ଏନ୍.ଏ):** ଜଣେ ରାଜ୍ୟ ସଭା ସଦସ୍ୟଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୩ଲକ୍ଷ ଟଙ୍କା କଟକସଦର ବ୍ଲକ ପକ୍ଷରୁ ରାଜେନ୍ଦ୍ର ନଗରସ୍ଥିତ ଏକ ଧାର୍ମିକ ସ୍ଥଳରେ ଖର୍ଚ୍ଚ ହୋଇଥିଲା। ଏହା ନିୟମ ବିରୋଧରେ ହୋଇଥିବାରୁ ଏହାର ପ୍ରତିବାଦରେ ସ୍ଥାନୀୟ ଅଞ୍ଚଳର ଜିତେନ୍ଦ୍ର କୁମାର ସାହୁ ଭୁବନେଶ୍ୱରର ଲୋକପାଳ କୋର୍ଟରେ ଏକ ମାମଲା ରୁଜୁ କରିଛନ୍ତି। ଏଥିରେ ଏମ୍‌ପିଙ୍କ ପାଣ୍ଠିକୁ ବେନିୟମ ଭାବେ ଖର୍ଚ୍ଚ କରାଯାଇଥିବା ଦର୍ଶାଯାଇଛି। ଏହାବ୍ୟତୀତ କଟକ ଜିଲାପାଳ ଏହି ଅର୍ଥକୁ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କଠାରୁ ଆଦାୟ ପାଇଁ ନିର୍ଦ୍ଦେଶ ଦେଇଥିବାବେଳେ ତାହା ମଧ କାର୍ଯ୍ୟକାରୀ ହୋଇ ନ ଥିବା ଦର୍ଶାଯାଇଛି। ଏ ସମ୍ପର୍କରେ କଟକ ସଦର ବିଡିଓଙ୍କ ସମେତ ଜିଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି। ସୂଚନାଯୋଗ୍ୟ, କଟକ ମହାନଗର ନିଗମ ୫୨ନଂ ୱାର୍ଡରେ ଏକ ଧାର୍ମିକ ସ୍ଥଳରେ ୨୦୧୬-୧୭ ମସିହାରେ ତତ୍‌କାଳୀନ ରାଜ୍ୟ ସଭା ସଦସ୍ୟଙ୍କ ପାଣ୍ଠିରୁ ୩ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା। ଏହି ଖର୍ଚ୍ଚ ବେନିୟମ ବୋଲି ଜଣାପଡ଼ିବା ପରେ ଏହାର ତଦନ୍ତ କରି ଏହି ଟଙ୍କା କାହାଠାରୁ ଅସୁଲ କରାଯିବ ସେନେଇ ବିଡିଓ ନିଷ୍ପତ୍ତି ନେବା ପାଇଁ ଜିଲାପାଳ ପତ୍ର ସଂଖ୍ୟା ୧୬୬୭/୨୩/୭/୧୮ରେ ନିର୍ଦ୍ଦେଶ ହୋଇଥିଲା। ନିର୍ଦ୍ଦେଶକୁ ବର୍ଷେ ବିତିଯାଇଥିଲେ ମଧ କାହା ଇଙ୍ଗିତରେ ଖର୍ଚ୍ଚ ହୋଇଛି ଜଣାପଡ଼ିନି। ଜିତେନ୍ଦ୍ରଙ୍କ ମାମଲାର ଚଳିତମାସ ୧୩ରେ ଶୁଣାଣି ହେବ ବୋଲି ନୋଟିସ ହୋଇଛି।

### ଶାଳୀକୁ ବଳାତ୍କାର ଉଦ୍ୟମ କରି ଭିଣୋଇ ଗିରଫ

**ଖୁଣ୍ଟୁଣୀ,୯।୧୨(ଡି.ଏନ.ଏ):** ଶାଳୀକୁ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗରେ ସୋମବାର ଗୁରୁଡ଼ିଝାଟିଆ ଥାନା ପୋଲିସ ଭିଣୋଇକୁ ଗିରଫ କରିଛି। ଏ ନେଇ ପୋଲିସ ନଂ.୧୨୦/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଏହି ଥାନା ଅଞ୍ଚଳରେ ଗତ ଶନିବାର ପ୍ରାୟ ୨ଟାରେ ଶାଳୀ ଜଣକ ଘରେ ଏକାକୀ ଥିଲେ। ଭିଣୋଇ ଏହା ଜାଣିପାରି ତାଙ୍କୁ ଟଣାଓଟରା କରିବା ସହ ବଳାତ୍କାର ଉଦ୍ୟମ କରିଥିଲେ। ହେଲେ ଶାଳୀ ଜଣକ କୌଶଳକ୍ରମେ ସେଠାରୁ ଖସି ଆସିଥିଲେ। ପରିବାର ଲୋକେ ଆସିବା ପରେ ଯୁବତୀ ସବୁ କଥା କହିବା ସହ ରବିବାର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ମଙ୍ଗଳବାର ଉଭୟଙ୍କ ଡାକ୍ତରୀ ମାଇନା ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି।

### ଆତ୍ମରକ୍ଷା କୌଶଳ ଶିଖନ୍ତୁ ଛାତ୍ରୀ

**କଟକ ଅଫିସ, ୯।୧୨:** ଖ୍ରୀଷ୍ଟ ମହାବିଦ୍ୟାଳୟରେ ସୋମବାର ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅଧକ୍ଷ ଡ. ସିଦ୍ଧାର୍ଥ କୁମାର ସାହୁ ଅଧକ୍ଷତା କରି ଛାତ୍ରୀମାନେ ଆତ୍ମରକ୍ଷାର କୌଶଳ ଶିଖିବାକୁ ପରାମର୍ଶ ଦେଇଥିଲେ। ଶୁଭଶ୍ରୀ ଲେଙ୍କା ଓ ମମତା ସାହୁ ତାଲିମ ପ୍ରଦାନ କରିଥିଲେ। ଅଧାପିକା ଡା. ସଞ୍ଜୁ ଶର୍ମା ସ୍ୱାଗତ ଭାଷଣ ଓ ଅଧାପିକା ଆଦ୍ୟାଶା ମହାନ୍ତି ଧନ୍ୟବାଦ ଦେଇଥିଲେ। ଏଥିରେ ଶତାଧିକ ଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ଚିତ୍ରଶିଳ୍ପୀ ବିଭୂତି କାନୁନ୍‌ଗୋଙ୍କ ଜୟନ୍ତୀ



ଚିତ୍ରଶିଳ୍ପୀ ବିଭୂତି କାନୁନ୍‌ଗୋଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

**କଟକ ଅଫିସ,୯।୧୨**

ରାମାୟଣକୁ ଚିତ୍ରରୂପ ମାଧମରେ ପ୍ରକାଶ କରିବାରେ ବିଭୂତି କାନୁନ୍‌ଗୋଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାର ପାରମ୍ପରିକ ଓ ଆଧୁନିକ ଚିତ୍ରକଳାର ସମ୍ମିଶ୍ରଣରେ ନୂତନଧାରା ସୃଷ୍ଟି କରିବାରେ ସେ ସିଦ୍ଧହସ୍ତ ବୋଲି କଟକ ଶ୍ରୀରାମଚନ୍ଦ୍ର ଭବନରେ ସୋମବାର ଅନୁଷ୍ଠିତ ଚିତ୍ରଶିଳ୍ପୀ ବିଭୂତି କାନୁନ୍‌ଗୋଙ୍କ ଜୟନ୍ତୀ ଉତ୍ସବରେ ଡ. ବିଜୟାନନ୍ଦ ସିଂ ଯୋଗଦେଇ ଏହା କହିଥିଲେ। କ୍ରିଏଟିଭ ଆର୍ଟିଷ୍ଟ ଗ୍ରୁପର ସଭାପତି ମହେନ୍ଦ୍ର ପ୍ରସାଦ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ କବି ଶୈଳଜ ରବି ଓ ସମ୍ମାନିତ ଅତିଥି ଭାବେ ଓଡ଼ିଶା ଲଳିତକଳା ଏକାଡେମୀର ସଚିବ ଗଜେନ୍ଦ୍ର ପ୍ରସାଦ ସାହୁ ଯୋଗଦେଇଥିଲେ। ଏହି ଅବସରରେ ଶିଶୁ ଚିତ୍ରଶିଳ୍ପୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବିଜୟ କୁମାର ସାହୁ, ସୁଜିତ୍ କୁମାର ସ୍ୱାଇଁ, ବିମ୍ବାଧର କୁଅଁର, ଲକ୍ଷ୍ମୀଧର ରଣା, ପ୍ରତିମା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଦୀପ୍ତିମୟୀ ପାଢୀ ଧନ୍ୟବାଦ ଦେଇଥିଲେ।

**ପୋଲିସ କମିଶନରଙ୍କ ଅଭିନବ ପ୍ରୟାସ**

# 'ଆସ୍କ ମି ଏନିଥିଂ' ଜରିଆରେ ଲୋକଙ୍କ ପ୍ରଶ୍ନର ଉତ୍ତର ଦେବେ

**ଭୁବନେଶ୍ୱର,୯।୧୨(ବ୍ୟୁରୋ)**




ଲୋକଙ୍କ ସହ ଯୋଡି ହେବା ପାଇଁ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ 'ଆସ୍କ ମି ଏନିଥିଂ' କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଛନ୍ତି। ଏହି କାର୍ଯ୍ୟକ୍ରମ ଦ୍ୱାରା କମିଶନର ସାଧାରଣ ଲୋକଙ୍କ ପ୍ରଶ୍ନର ଉତ୍ତର ଟୁଇଟ୍‌ରେ ଦେବେ। ହାସ୍‌ଟ୍ୟାଗ୍ ଟୁଇଟ୍‌ରରେ କମିଶନରଙ୍କୁ ପ୍ରଶ୍ନ ପ୍ରଚାରିବାକୁ ସେ ଲୋକଙ୍କୁ ନିବେଦନ କରିଛନ୍ତି। ୧୨ ତାରିଖ ସୁଦ୍ଧା ପ୍ରଶ୍ନ ପଚାରିବାକୁ ସୂଚନା ଦିଆଯାଇଛି। ୧୪ ତାରିଖ ସନ୍ଧ୍ୟା ୫ଟାରେ କମିଶନର ଲାଇଭ୍ ଚାଟରେ ଲୋକଙ୍କ ପ୍ରଶ୍ନର ଉତ୍ତର ଦେବେ।

ଏହାପୂର୍ବରୁ ମଧ କମିଶନର ଟୁଇଟ୍‌ରେ ବେସ୍ ଆକ୍ଟିଭ୍ ଥିଲେ। ଏହାସହ କେଉଁ ଥାନାରେ ଅଭିଯୋଗ ହେବାସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଉନି ସେନେଇ କେହି ପ୍ରଶ୍ନ ପଚାରିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ କମିଶନର ନିର୍ଦ୍ଦେଶ ଦେଉଥିଲେ। ତେଣୁ ଲୋକେ କମିଶନରଙ୍କ ସହ ଟୁଇଟ୍‌ରେ ଯୋଡ଼ି ହେଉଥିବାରୁ ଏଭଳି ଲାଇଭ ଚାଟ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ମୋ ସରକାର କାର୍ଯ୍ୟକ୍ରମ ଜରିଆରେ ରାଜ୍ୟ ସରକାର ଲୋକଙ୍କ ନିକଟତର ହେଉଛନ୍ତି। ଏଭଳି କ୍ଷେତ୍ରରେ ପୋଲିସ କମିଶନର ଏହି ଆସ୍କ ମି ଏନିଥିଂ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କ ସହ ଯୋଡ଼ିହେବାକୁ ଅନେକ ସ୍ୱାଗତ କରିଛନ୍ତି।

# ବିରୋଧ ସତ୍ତ୍ୱେ କାରଖାନା ପାଇଁ ଚିହ୍ନଟ ହେଲା ଜମି

**ଖୁଣ୍ଟୁଣୀ,୯।୧୨(ଡି.ଏନ.ଏ)**

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଖମାର ନୂଆଗାଁ ଓ ଗୁରୁଡ଼ିଝାଟିଆ ଥାନାର କୋଳଥପଙ୍ଗୀ ଗ୍ରାମ ଦ୍ୱୟରେ ଥିବା ପ୍ରସ୍ତାବିତ ସିମେଣ୍ଟ କାରଖାନା ନିମନ୍ତେ ସୋମବାର ଜମି ଚିହ୍ନଟ କାର୍ଯ୍ୟ ଶେଷ ହୋଇଛି। ଏହି ଦୁଇ ଗ୍ରାମବାସୀଙ୍କ ଏକମାତ୍ର ଗୋଚରଜମିକୁ ପ୍ରଶାସନ ଚଞ୍ଚକତା କରି କାରଖାନାର ସପକ୍ଷ ସାଜି ଚିହ୍ନଟ ହେବା ପୂର୍ବରୁ ଶନିବାର ଏଠାରେ ୧୪୪ଧାରା ଜାରି କରିଥିବା ଗ୍ରାମର ଅମରେନ୍ଦ୍ର ରାଉତ ଓ ନରେନ୍ଦ୍ର ସେଠୀ ପ୍ରମୁଖ କହିଛନ୍ତି। ସୂଚନାଯୋଗ୍ୟ, କୋଳଥପଙ୍ଗୀ ଓ ଖମାରନୂଆଗାଁର ୯୦ ଏକର ଗୋଚରଜମିକୁ ଗତ ୨୦୦୯ରେ ପ୍ରଶାସନ ହାତକୁ ନେଇ ଏକ ସିମେଣ୍ଟ କାରଖାନା କରିବାକୁ ଉଦ୍ୟମ କରିବାରୁ ପ୍ରବଳ ଜନବିରୋଧୀ ହୋଇଥିଲା। ଏହାପରେ କିଛିଦିନ ପାଇଁ ଏନେଇ

**ଜାରି ହେଲା ୧୪୪ ଧାରା**

କୌଣସି ପ୍ରତିକ୍ରିୟା ଦେଖାଯାଇ ନ ଥିଲା। ୨୦୧୭ରେ ଏହି କାରଖାନା ପାଇଁ ଜନଶୁଣାଣି କରିବାରୁ ପୁଣି ଜନସାଧାରଣ ଏହାକୁ ବନ୍ଦ କରିଦେଇଥିଲେ। ଏହି କାରଖାନା ହେଲେ ହେଲେ ବାୟୁ ପ୍ରଦୂଷଣ ଓ ଜଳ ସମସ୍ୟା ଆଦି ଦେଖାଯିବ ବୋଲି ଗ୍ରାମବାସୀ ବିରୋଧ କରୁଛନ୍ତି। ଗତ ୫ମାସ ତଳେ ମୁଖ୍ୟମନ୍ତ୍ରୀ ଏହି କାରଖାନା ପାଇଁ ଭିଡିଓ କନଫରେନ୍ସ ଯୋଗେ ଶୁଭ ଦେବା ପରେ ସ୍ଥାନୀୟଲୋକଙ୍କ ମଧରେ ଆତଙ୍କ ସୃଷ୍ଟି ହୋଇଥିଲା। ଗତ ସପ୍ତାହରେ ଏଠାକୁ ପ୍ରଶାସନ ଜମି ଚିହ୍ନଟ ପାଇଁ ଆସିଥିବାବେଳେ ସ୍ଥାନୀୟ ଲୋକେ ଏହାର ବିରୋଧ କରିବାରୁ ଚିହ୍ନଟ ହୋଇପାରି ନ ଥିଲା। ଏବେ ପ୍ରଶାସନ ଏଠାରେ ୧୪୪ଧାରା ଜାରି କରି ଜନତାଙ୍କୁ କୌଣସି ସୁଯୋଗ ନ ଦେଇ ହଠାତ ଚିହ୍ନଟ ପାଇଁ ୪ପ୍ଲାଟୁନ ଫୋର୍ସ ସହ ପୋଲିସ ମୁଖ୍ୟାଳୟର ଇନ୍ସପେକ୍ଟର ବିମଳ ବାରିକ, ଆଠଗଡ଼ ତହସିଲଦାର ତପନ ଖୁଣ୍ଟିଆ, ଖୁଣ୍ଟୁଣୀ ଥାନା ଅଧିକାରୀ ସୁଚିତ୍ର ବୀର୍ଯ୍ୟ ଦାସ, ଗୁରୁଡ଼ିଝାଟିଆ ଥାନାଧିକାରୀ ବିଜୟ କେତନ ବିସି ପ୍ରମୁଖ ଆସି ଜମି ଚିହ୍ନଟ କରିଛନ୍ତି। ଏ ନେଇ ଦୁଇ ଗ୍ରାମବାସୀଙ୍କ ମଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରଶାସନ ଜମି ଚିହ୍ନଟ କଲେ ମଧ ଆଗକୁ ପୋଲିସ ଦୃଢ଼ ଜବାବ ଦିଆଯିବ ବୋଲି ଗ୍ରାମବାସୀ ପ୍ରତିକ୍ରିୟା ରଖିଛନ୍ତି। ଏ ନେଇ କାରଖାନାର ଜେନେରାଲ ମ୍ୟାନେଜର ଅଶୋକ ପଟ୍ଟନାୟକ କୁହନ୍ତି, ଆମେ ଜନସାଧାରଣଙ୍କ ସାଙ୍ଗରେ ଅଛୁ, ସେମାନଙ୍କ ଯାହା ସମସ୍ୟା ସିଧାସଳଖ କହିଲେ ଆଲୋଚନା ମାଧମରେ ସମାଧାନ କରାଯିବ । ତହସିଲଦାର ତପନ ଖୁଣ୍ଟିଆ କୁହନ୍ତି, ପ୍ରଶାସନ ପକ୍ଷରୁ ଜମି ଚିହ୍ନଟ ହୋଇଯାଇଛି, ମଙ୍ଗଳବାରଠାରୁ ଏହି ଜମିରେ ପାଚେରୀ ନିର୍ମାଣ ନିମନ୍ତେ ଟ୍ରେଞ୍ଚ ଖୋଳାଯିବ।

# କାନ୍ତକବି ଓଡ଼ିଆ ଗଦ୍ୟ ସାହିତ୍ୟର ଅଦ୍ୱିତୀୟ ସ୍ରଷ୍ଟା

**କଟକ ଅଫିସ, ୯।୧୨**

କଟକ ମର୍କତନଗରଠାରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ଏଥିରେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବିରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓଡ଼ିଆ ଗଦ୍ୟ ସାହିତ୍ୟର ଅଦ୍ୱିତୀୟ ସ୍ରଷ୍ଟା ଥିଲେ। ଏଥିରେ ସାମାଜିକ କର୍ମୀ ଗୋବିନ୍ଦ ଦାସ ଅଧକ୍ଷତା କରିଥିବାବେଳେ ସମ୍ମାନିତ ଅତିଥି ଡା. ପରିଣୀତା ଦାସ ଯୋଗଦେଇଥିଲେ। ଡା. ରେଣୁକା ପରିଜା, ସଞ୍ଜୁକ୍ତା ବେହେରା ଓ ଡା. ପବିତ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଲୋପାମୁଦ୍ରା ଦାସ ଧନ୍ୟବାଦ ଦେଇଥିଲେ।

# ଦୁର୍ବୃତ୍ତ ପୋଡ଼ିଦେଲେ କାର୍

**ଚୌଦ୍ୱାର,୯।୧୨(ଡି.ଏନ.ଏ)**

ଚୌଦ୍ୱାର ଥାନା ଅନ୍ତର୍ଗତ ୨ନଂ. ୱାର୍ଡ ରାଉଳ ସାହିରେ ରବିବାର ବିଳମ୍ବିତ ରାତିରେ ଜଣେ ବ୍ୟକ୍ତିଙ୍କ ଘର ଆଗରେ ଥିବା କାର୍‌କୁ କେହି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା ସୋମବାର ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୋଲିସ ନଂ. ୫୦୫/୧୯ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ରାଉଳ ସାହିର ଶେଖ୍ ସରିଫ୍ ଗତ ୫ଦିନ ତଳେ ଏକ ଚେଭରଲେଟ୍ ବିଟ୍ (ନଂ ଓଆର ୦୨ ବିଟି ୯୨୩୦) ଯୁକ୍ତ କାର କିଣିଥିଲେ। ସେ ରବିବାର ଘରେ ଶୋଇଥିବାବେଳେ କେହି ଦୁର୍ବୃତ୍ତ ଘର ସମ୍ମୁଖରେ ଥିବା କାରରେ ନିଆଁ ଲଗାଇଦେଇଥିଲେ। ପରେ ତାଙ୍କ ପଡୋଶୀ କାରଟି ଜଳୁଥିବା ଦେଖି ଡାକ ପକାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁ ଲିଭାଇଥିଲେ ହେଁ ଗାଡିର ୩୦ଭାଗ ପୋଡିଯାଇଥିଲା। ପରେ ପଡୋଶୀଙ୍କ ଘରେ ଲାଗିଥିବା ସିସିଟିଭି ଯାଞ୍ଚ କରିବାରୁ ଜଣେ ବ୍ୟକ୍ତି ଏକ ମୋଟରସାଇକେଲରେ ରାତି ୨ଟାରେ ପେଟ୍ରୋଲ ନେଇ ତାଙ୍କ ଘର ଆଡକୁ ଆସୁଥିଲେ। କିନ୍ତୁ ବାଟରେ ପେଟ୍ରୋଲ ଥିବା ବ୍ୟାଗଟି ଛିଣ୍ଡି ପଡିବାରୁ ବ୍ୟାଗଟିକୁ ଡ୍ରେନରେ ପକାଇ ବୋତଲକୁ ଧରି ଗାଡି ଜଳାଇବାର ଦୃଶ୍ୟ କଏଦ ହୋଇଛି। ଏହି ବ୍ୟକ୍ତି ଉପରେ ସନ୍ଦେହ କରି ସୋମବାର ଲିଖିତ ଅଭିଯୋଗ କରିଛନ୍ତି।




ମୋଟର ଯାନ ଆଇନ ୨୦୧୯ ପ୍ରତ୍ୟାହାର କରିବା ଦାବି ନେଇ ସୋମବାର ସିପିଆଇ ପକ୍ଷରୁ କଟକ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ।



ଶ୍ରମିକ ନେତା ବନମାଳୀ ଦାସଙ୍କ ଶ୍ରାଦ୍ଧୋତ୍ସବ ଅବସରରେ ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

# ଶ୍ରମିକ ନେତା ବନମାଳୀ ଦାସଙ୍କ ସ୍ମୃତିସଭା

**ଚୌଦ୍ୱାର,୯।୧୨(ଡି.ଏନ୍.ଏ)**

ବର୍ଷୀୟାନ୍ ଶ୍ରମିକ ନେତା ଚୌଦ୍ୱାର ସାହିତ୍ୟ ସଂସଦର ଆଜୀବନ ସଭାପତି ବନମାଳୀ ଦାସଙ୍କ ପ୍ରଥମ ଶ୍ରାଦ୍ଧୋତ୍ସବ ଅବସରରେ ଏକ ସ୍ମୃତି ସଭା ଓଟିଏମ୍ କଲୋନୀସ୍ଥିତ ତାଙ୍କ ବାସଭବନରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଜିଲା ଯୋଯୋନା ବୋର୍ଡ ସଦସ୍ୟ ଶୁଭେନ୍ଦୁ ସାମଲ, ଯୁବ ସଂଗଠକ ଅର୍ଜୁନ ପଣ୍ଡା, ଚୌଦ୍ୱାର ସାହିତ୍ୟ ସଂସଦର ସମ୍ପାଦକ ଦିବ୍ୟଜ୍ୟୋତି ପାଣି, ଗୌରହରି ମହାନ୍ତି, ବିଶ୍ୱକଲ୍ୟାଣ ଦାସ, କୈଳାସ ଚନ୍ଦ୍ର ବରାଳ, କେ.ସି.ପ୍ରତାପସିଂ, ଚୌଦ୍ୱାର ପତ୍ରର ସମ୍ପାଦକ ପଞ୍ଚାନନ ବେହେରାଙ୍କ ସମେତ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଦାସଙ୍କ ଜୀବନାଦର୍ଶ, ସଂଗ୍ରାମୀ ଚିନ୍ତାଧାରା ଓ ଶ୍ରମିକ କଲ୍ୟାଣ ପାଇଁ ତାଙ୍କର ଉତ୍ସର୍ଗୀକୃତ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅପାସୋରା ମଣିଷ ପୁସ୍ତିକାକୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ସବିତା ଦାସ, ସୁଜାତା ଦାସ, ସୁନୀତା ଦାସ, ସରୀତା ଦାସ, ସତ୍ୟଜିତ୍ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହାସହ ଚୌଦ୍ୱାର ପ୍ରେସ୍ କ୍ଲବରେ ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରାଯାଇ ଏକ ନୀରବ ପ୍ରାର୍ଥନା କରାଯାଇଥିଲା।

# ଦୋକାନରୁ ଟଙ୍କା ଚୋରି, ଜଣେ ଗିରଫ

**କଟକସଦର,୯।୧୨(ଡି.ଏନ୍.ଏ)**

କନ୍ଦରପୁର ଥାନା ଅନ୍ତର୍ଗତ କନ୍ଦରପୁର ବଜାରର ଏକ ସାର ଦୋକାନରୁ ଟଙ୍କା ଚୋରି ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଜଗତ୍‌ସିଂହପୁରର ତିର୍ତ୍ତୋଲ ଥାନା ଅଞ୍ଚଳର ତାପସ ଦାସ। ଏ ନେଇ ପୋଲିସ ନଂ. ୧୫୧/୧୯ରେ ଏକ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ରବିବାର ବଜାରରେ ଥିବା କାହ୍ନୁପ୍ରସାଦ ରାଉତରାୟ ନିଜ ସାର ଦୋକାନ ଖୋଲି ପୂଜା ପାଇଁ ନିକଟ ସ୍ଥାନକୁ ପାଣି ଆଣିବାକୁ ଯାଇଥିଲେ। ସେଠାରେ ଅଭିଯୁକ୍ତ ତାପସ ଥିବାବେଳେ ଦୋକାନ ଖାଲିଥିବା ସୁଯୋଗରେ ଟଙ୍କା ଡ୍ରରୁ ୨୧୦୦ଟଙ୍କା ନେଇ ପଳାଇଥିଲେ। କାହ୍ନୁ ପାଣି ନେଇ ଫେରିବାବେଳେ ଡ୍ର ଖୋଲାଥିବା ଦେଖି ତାପସ ଉପରେ ସନ୍ଦେହ ହୋଇଥିଲା। ତାପସକୁ ଖୋଜିବାବେଳେ ନିକଟସ୍ଥ ଏକ ପାନ ଦୋକାନରେ ଥିବାରୁ ତାଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ଅଭିଯୋଗକ୍ରମେ ପୋଲିସ ପଚରାଉଚୁରା ପରେ ତାପସ ଚୋରି କରିଥିବା ସ୍ୱୀକାର କରିଥିଲେ।

# ସ୍ୱାମୀଙ୍କ ମୃତ୍ୟୁ ୨ ବର୍ଷ ବିତିଲା, ମିଳୁନି ପୂର୍ଣ୍ଣାଙ୍ଗ ଫ୍ୟାମିଲି ପେନ୍‌ସନ

**କଟକ ଅଫିସ, ୯।୧୨**

**କଟକ ମହାନଗର ନିଗମ**

କଟକ ମହାନଗର ନିଗମ(ସିଏମ୍‌ସି)ରେ ଚାକିରି କରୁଥିବାବେଳେ ସ୍ୱାମୀ ଚର୍ମକର୍କଟ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କଲେ। ଚିକିତ୍ସା ପାଇଁ ସର୍ବସ୍ୱାନ୍ତ ହୋଇଥିବାବେଳେ ଏବେ ପୂର୍ଣ୍ଣାଙ୍ଗ ଫ୍ୟାମିଲି ପେନ୍‌ସନ ପାଇବା ଆଶାରେ ରହିଛନ୍ତି ୫୧ ବର୍ଷୀୟା ଜଣେ ମହିଳା। ଏ ନେଇ ସେ ସିଏମ୍‌ସି କମିଶନର, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି), ମୁଖ୍ୟମନ୍ତ୍ରୀ ଏବଂ ୫-ଟି ସଚିବଙ୍କୁ ନିଜର ଦୁଃଖ ଜଣାଇ ସାରିଛନ୍ତି। ମାତ୍ର ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରିନାହିଁ। ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ଆରଡିସି ନିର୍ଦ୍ଦେଶ ଦେଇଥିଲେ ମଧ ନିଗମ ଏହାକୁ ବେଖାତିର କରିଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ଦୁଇବର୍ଷ ତଳେ ହୋଇଥିବାବେଳେ ଏବେ ପୂର୍ଣ୍ଣାଙ୍ଗ ପେନ୍‌ସନ ମିଳୁ ନ ଥିବା ମହିଳା ଜଣକ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଉମେଶ ଚନ୍ଦ୍ର ସାହୁ ନାମକ ବ୍ୟକ୍ତି ସିଏମ୍‌ସିରେ ଗୋଷ୍ଠୀ ସଙ୍ଗଠକ ଭାବେ କାର୍ଯ୍ୟ କରୁଥିଲେ। ସେ ଚର୍ମ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବାବେଳେ ଚାକିରି ଥିବା ଅବସ୍ଥାରେ ଅର୍ଥାତ୍ ୨୦୧୭ ନଭେମ୍ବର ୬ରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ବିଭିନ୍ନ ପ୍ରାପ୍ୟ ପାଇଁ ଆବଶ୍ୟକ ମୃତ୍ୟୁ ପ୍ରମାଣପତ୍ର, ଉତ୍ତରାଧିକାରୀ ପ୍ରମାଣପତ୍ର, ଉତ୍ତରାଧିକାରୀମାନଙ୍କ ଦ୍ୱାରା ଘୋଷଣାପତ୍ର ଆଦି ସମସ୍ତ କାଗଜପତ୍ର ସ୍ତ୍ରୀ ସ୍ନିଗ୍ଧାରାଣୀ ସିଏମ୍‌ସି କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିଥିଲେ। ସିଏମ୍‌ସିର ଉପ ଆୟୁକ୍ତ ୨୦୧୮ ଜାନୁୟାରୀ ୨୪ରେ ସମସ୍ତ ପ୍ରାପ୍ୟ ସ୍ନିଗ୍ଧାରାଣୀଙ୍କୁ ପ୍ରଦାନ ପାଇଁ ଆଦେଶ ଦେଇଥିଲେ । ଏହାପରେ ସ୍ନିଗ୍ଧାରାଣୀଙ୍କୁ ଜିପିଏଫ, ଜିଆଇଏସ ବାବଦ ଅର୍ଥ ମିଳିଥିଲା। ୨୦୧୮ ଏପ୍ରିଲ ୬ ତାରିଖ ନିର୍ଦ୍ଦେଶ ମୁତାବକ ସର୍ବନିମ୍ନ ପେନ୍‌ସନ ୩୫୦୦ ଟଙ୍କା ଦିଆଯାଉଛି। ମାତ୍ର ଉମେଶଙ୍କ ଚିକିତ୍ସା ଖର୍ଚ୍ଚ ସମ୍ବନ୍ଧୀୟ ସମସ୍ତ ବିଲ୍ ୨୦୧୮ ମେ' ୨୯ରେ ଦାଖଲ କରାଯାଇଥିଲେ ମଧ ଅଦ୍ୟାବଧି ଏହି ଅର୍ଥ ପ୍ରଦାନ କରାଯାଇନାହିଁ। ୩୩ ବର୍ଷ ଚାକିରି କାଳ ପୂରଣ କରିଥିବା ଉମେଶଙ୍କୁ ରିଭାଇଜ ଆସିଓ୍ୱଡ କ୍ୟାରିୟର ପ୍ରୋଗ୍ରେସର(ଆରଏସିପି) ପ୍ରଦାନ କରାଯାଇ ନ ଥିଲା। ଏହାର କାରଣ ବୁଝିବାରୁ ତାଙ୍କ ସର୍ଭିସ୍ ବୁକରେ ସିସିଆର ସମ୍ପର୍କିତ ଟିପ୍ପଣୀ ନ ଥିବା କୁହାଯାଉଛି। ତେବେ ଜଣେ କର୍ମଚାରୀଙ୍କ ଗୁପ୍ତ ଚରିତ୍ର ଟିକା ସଂଗ୍ରହ କରିବା ସମ୍ପୃକ୍ତ ଅଧିକାରୀଙ୍କ କାର୍ଯ୍ୟ ହୋଇଥିବାବେଳେ ସ୍ନିଗ୍ଧାରାଣୀ ଘରେ ଥିବା ସ୍ୱାମୀଙ୍କ ବ୍ୟକ୍ତିଗତ ସର୍ଭିସ୍ ବୁକ୍‌ରୁ କେତେକ ସିସିଆର ସମ୍ପର୍କିତ ଟିପ୍ପଣୀ ନକଲ ଦାଖଲ କରିଥିଲେ। ସ୍ନିଗ୍ଧାରାଣୀ ଏ ନେଇ ଏକାଧିକ ଥର ସିଏମ୍‌ସି କମିଶନରଙ୍କୁ ବ୍ୟକ୍ତିଗତ ଭାବେ ସାକ୍ଷାତ କରି ଆପତ୍ତି ଅଭିଯୋଗ ଜଣାଇବା ସହ ଆରଡିସିଙ୍କୁ ମଧ ଆବେଦନ କରିଥିଲେ। ଏ ସମ୍ପର୍କରେ ମତାମତ ସଂଗ୍ରହ ପାଇଁ ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନଥିଲେ।



ଭଗବାନଙ୍କ ନାମ ଜପିଲେ ମଣିଷର ଦେହ, ମନ ସବୁ ଶୁଦ୍ଧ ହୋଇଯାଏ ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ରେଳ ଧାରଣରୁ ଗଳିତ ମୃତଦେହ ଉଦ୍ଧାର

**ନିରାକାରପୁର,୯।୧୨(ଡି.ଏନ.ଏ.):** ଖୋର୍ଦ୍ଧା ରେଳ ଡିଭିଜନ ଅଧୀନରେ ଥିବା ହରିପୁର ଲେଭଲ କ୍ରସିଂ ନିକଟ ରେଳ ଧାରଣା ପାର୍ଶ୍ୱରୁ ସୋମବାର ଜଣେ ଅଚିହ୍ନା ବ୍ୟକ୍ତିଙ୍କ ଗଳିତ ମୃତଦେହ ନିରାକାରପୁର ରେଲୱେ ଫାଣ୍ଡି ପୋଲିସ ଉଦ୍ଧାର କରିଛି। ଫାଣ୍ଡି ପକ୍ଷରୁ ଏ ନେଇ ୯୭/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ସରକାରୀ ମେଡିକାଲକୁ ପଠାଯାଇଛି। ମୃତ ବ୍ୟକ୍ତିଙ୍କ ପକେଟରୁ ପୋଲିସ ଏକ ଟ୍ରେନ ଟିକେଟ ମଧ ଜବତ କରିଛି।

### ଜଳିଗଲା ତେଜରାତି ଦୋକାନ

**ଜଟଣୀ,୯।୧୨(ଡି.ଏନ୍.ଏ.):** ଜଟଣୀ ଥାନା ଅନ୍ତର୍ଗତ ରଥିପୁର ଗ୍ରାମ କେନାଲ ନିକଟରେ ଥିବା ଏକ ତେଜରାତି ଦୋକାନରେ ରବିବାର ରାତିରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ କେହି ଦୁର୍ବୃତ୍ତ ଦୋକାନରେ ନିଆଁ ଲଗାଇଦେଇଥିବା ଦୋକାନ ମାଲିକ ସେଖ୍ ସନ୍ୱର ସୋମବାର ଥାନାରେ ଅଭିଯୋଗ କରିଛନ୍ତି।

### ନାବାଳିକାଙ୍କୁ କମେଣ୍ଟ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୯।୧୨(ବ୍ୟୁରୋ):** ଶହୀଦନଗର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ରାସ୍ତାରେ ଅଶ୍ଳୀଳ କମେଣ୍ଟ କରିବା ସହ ନାନାଦି ହଇରାଣ କରୁଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଗଞ୍ଜାମ ପୁରୁଷୋତ୍ତମପୁର ଅଞ୍ଚଳର ତ୍ରିମୂର୍ତ୍ତି ଦୋରା। ସେ ଶହୀଦନଗର ଥାନା ଅନ୍ତର୍ଗତ ବାୟାବାବା ମଠ ବସ୍ତି ଅଞ୍ଚଳରେ ରହୁଥିଲେ। ଅଭିଯୁକ୍ତ ଅନେକଦିନ ଧରି ନାବାଳିକାଙ୍କ ପିଛା କରୁଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ପ୍ରେମନିବେଦନ କରିଥିଲେ। ମାତ୍ର ନାବାଳିକା ଅରାଜି ହେବାରୁ ତାଙ୍କୁ ରାସ୍ତାରେ ଯିବା ଆସିବା କରିବା ବେଳେ ଅଶ୍ଳୀଳ କମେଣ୍ଟ କରୁଥିଲେ। ଏହାକୁ କେନ୍ଦ୍ର କରି ଗତ ୫ତାରିଖରେ ନାବାଳିକାଙ୍କ ପରିବାର ଲୋକେ ଏବଂ ଅଭିଯୁକ୍ତଙ୍କ ସହଯୋଗୀଙ୍କ ମଧରେ ଝଗଡା ହୋଇଥିଲା। ଗତ ୭ରେ ନାବାଳିକାଙ୍କ ପରିବାର ଲୋକ ଥାନରେ ଅଭିଯୋଗ କରିବା ପରେ ପୋଲିସ ନଂ୬୫୬/୧୯ରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲା।

### ମହିଳାଙ୍କ ବେକରୁ ସୁନାଚେନ ଲୁଟ୍

**ଭୁବନେଶ୍ୱର ୯।୧୨(ବ୍ୟୁରୋ):** ମଞ୍ଚେଶ୍ୱର ଅଞ୍ଚଳରେ ଜଣେ ମହିଳାଙ୍କ ବେକରୁ ସୁନାଚେନ ଲୁଟ୍ ହୋଇଛି। ଏ ନେଇ ସମ୍ପୃକ୍ତ ମହିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ମଞ୍ଚେଶ୍ୱର ଥାନା ଅଧୀନ ସତ୍ୟବିହାର ଅଞ୍ଚଳରେ ସୁଲୋଚନା ବାରିକ୍ ରୁହନ୍ତି। ସୋମବାର ମଧାହ୍ନରେ ସେ କିଛି କାମ ସାରି ଝିଅ ସହ ଘରକୁ ଫେରୁଥିଲେ। ଏହି ସମୟରେ ବାଇକ୍‌ରେ ଜଣେ ଦୁର୍ବୃତ୍ତ ଆସି ତାଙ୍କ ବେକରୁ ସୁନାଚେନ ଲୁଟି ନେଇ ଫେରାର ହୋଇଯାଇଥିଲେ। ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ରୁଣ୍ଡ ହୋଇଯାଇଥିଲେ ମଧ ଲୁଟେରାଙ୍କୁ କାବୁ କରିପାରି ନ ଥିଲେ। ପରେ ଏ ସଂକ୍ରାନ୍ତରେ ସେ ମଞ୍ଚେଶ୍ୱର ଥାନାରେ ଏତଲା ଦେଇଥିଲେ।

■ ପୋଲିସ ନେବାବେଳେ ସୁସ୍ଥ ଥିଲେ, ଆସିଲା ମୃତଦେହ

# ପୋଲିସ ମାଡ଼ରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

■ ତଦନ୍ତ ଓ ନ୍ୟାୟ ଦାବିରେ ଡିସିପି ଅଫିସ୍ ଘେରାଉ

■ ଡିସିପିଙ୍କୁ ଦାବିପତ୍ର, ଓଏଚ୍ଆର୍‌ସିରେ ଅଭିଯୋଗ କଲେ ପରିବାର ଲୋକେ

**ଭୁବନେଶ୍ୱର,୯।୧୨(ବ୍ୟୁରୋ):**

ପୁଣି ବିବାଦରେ ନୟାପଲ୍ଲୀ ଥାନା। ଦୁଇ ଭଉଣୀଙ୍କୁ ଅକଥନୀୟ ନିର୍ଯାତନା ଦେଇ ବଦନାମ ମୁଣ୍ଡାଇଥିବା ପୋଲିସ ବିରୋଧରେ ଆଉ ଏକ ଗୁରୁତର ଅଭିଯୋଗ ଆସିଛି। ପୋଲିସ ମାଡ଼ରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଡିସିପିଙ୍କ ନିକଟରେ ଅଭିଯୋଗ ହୋଇଛି। ତଦନ୍ତ ଓ ନ୍ୟାୟ ଦାବି କରି ସୋମବାର ମୃତକଙ୍କ ପରିବାର ସଦସ୍ୟଙ୍କ ସହ ସ୍ଥାନୀୟ ଲୋକେ ଡିସିପି ଅଫିସ ଘେରାଇ କରିଥିଲେ। ଏଥିସହ ଡିସିପି ଅନୁପ କୁମାର ସାହୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ମୃତ ଯୁବକ ଜଣକ ହେଉଛନ୍ତି ସାଲିଆସାହି ଜନତା ନଗରରେ ରହୁଥିବା ବାସନ୍ତୀ ମଲ୍ଲିକଙ୍କ ପୁଅ ହରେକୃଷ୍ଣ ମଲିକ। ଗତ ୨୩ ତାରିଖରେ କଟକ ବଡ଼ ମେଡିକାଲରେ ତାଙ୍କର ମୃତ୍ୟୁ ଘଟିଛି। ସୁସ୍ଥ ଥିବା ପୁଅକୁ ପୋଲିସ ଧରିନେଇଥିବାବେଳେ ମୃତଦେହ ଘରକୁ ଆସିବା ଘଟଣାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ତାଙ୍କ ମା'। ହାଜତରେ ପୋଲିସର ନିସ୍ତୁକ ମାଡ଼ରେ ପୁଅର ହାତ ଭାଙ୍ଗିଯିବା ସହ ସେ ଗୁରୁତର ହୋଇ କୋମାକୁ ଚାଲିଯାଇଥିଲେ ବୋଲି ଘେରାଉବେଳେ ବହୁ ମହିଳା ଗଣମାଧ୍ୟମକୁ କହିଥିଲେ। ଏପରି କି ମାମଲାକୁ ଆଗକୁ ନ ବଢ଼ାଇବା ପାଇଁ ପୋଲିସ ପକ୍ଷରୁ ଧମକ ଦିଆଯାଉଥିବା ନେଇ ପରିବାର ଲୋକେ ମଧ୍ୟ ଡିସିପିଙ୍କୁ ଜଣାଇଛନ୍ତି। ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ଡିସିପି ସାହୁ ୮ଦିନ ସମୟ ନେଇଥିବା ସେମାନେ କହିଛନ୍ତି। ଅନ୍ୟପକ୍ଷରେ ଘଟଣାକୁ ନେଇ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍ଆର୍‌ସି)ରେ ମଧ୍ୟ ଅଭିଯୋଗ ହୋଇଛି। ମା' ବାସନ୍ତୀଙ୍କ ଅଭିଯୋଗ ଅନୁସାରେ, ହରେକୃଷ୍ଣ ୨ବର୍ଷର ହୋଇଥିବାବେଳେ ବାପାଙ୍କର ମୃତ୍ୟୁ ଘଟିଥିଲା। ଦୁଇ ଝିଅ ଓ ଗୋଟିଏ ପୁଅଙ୍କୁ ଧରି ବହୁ ଦୁଃଖ କଷ୍ଟରେ ଚଳୁଥିଲେ। ଗତ ୨୨ ତାରିଖ ଅପରାହ୍ନ ୨ଟାରେ ପ୍ଲଟ ନଂ-ଏନ୍୪/୨୬ରେ ଥିବା ଏକ କୋଠା ଉପରୁ ସେ ଖସି ପଡିଥିଲେ। କିନ୍ତୁ ଚୋରି ଅଭିଯୋଗ ଆଣି ସ୍ଥାନୀୟ ଲୋକେ ହରେକୃଷ୍ଣଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ପୋଲିସ ତାଙ୍କୁ ଚଲାଇ ଚଲାଇ ଭ୍ୟାନ୍‌କୁ ନେଇଥିଲେ। ସେତେବେଳେ ହରେକୃଷ୍ଣ ସୁସ୍ଥ ଥିଲେ ଓ ହାତ ହଲାଇ ହଲାଇ ଭ୍ୟାନ୍ ଭିତରକୁ ଯାଇଥିଲେ। ହେଲେ ଅପରାହ୍ନ ୪ଟାରେ ଘରେ ଭଉଣୀ ଗାୟତ୍ରୀ ଥିଲେ। ୩ଜଣ ପୋଲିସ ସାଦା ପୋଷାକରେ ପହଞ୍ଚି ତୁମ ଭାଇ ହରେକୃଷ୍ଣଙ୍କ ଦୁର୍ଘଟଣା ହୋଇଥିବା କହିଥିଲେ। ଗାୟତ୍ରୀ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚି କ'ଣ ହୋଇଛି ବୋଲି ପୋଲିସକୁ ପଚାରିଥିଲେ ମଧ୍ୟ କିଛି ଉତ୍ତର ମିଳି ନ ଥିଲା। ଡାକ୍ତରଙ୍କୁ ପଚାରିବାରୁ ହରେକୃଷ୍ଣଙ୍କ ଅବସ୍ଥା ଗୁରୁତର ଥିବା କହି କଟକ ମେଡିକାଲକୁ ପଠାଇ ଦେଇଥିଲେ। ସେବେଠାରୁ କଟକ ମେଡିକାଲରେ କୋମା ଅବସ୍ଥାରେ ଚିକିତ୍ସିତ ହେଉଥିଲେ ହରେକୃଷ୍ଣ। ତାଙ୍କ ଦୁଇ ହାତ ଭାଙ୍ଗିଯାଇଥିବା ଏକ୍ସ-ରେରୁ ଜଣାପଡିଥିଲା। ଏହାସହ ମୁଣ୍ଡ ଓ ଛାତିରେ ମାଡ଼ ହୋଇଥିବା ଡାକ୍ତରୀ ରିପୋର୍ଟରେ ରହିଛି। ବ୍ୟବଚ୍ଛେଦ ରିପୋର୍ଟରେ ଦୁର୍ଘଟଣାଜନିତ ମୃତ୍ୟୁ ବୋଲି ଉଲ୍ଲେଖ ରହିଛି। ତେବେ ପୋଲିସ ହେପାଜତରେ ଥିବା ହରେକୃଷ୍ଣଙ୍କର ଦୁର୍ଘଟଣା ହେଲା କିପରି ବୋଲି ମା' ବାସନ୍ତୀ ପ୍ରଶ୍ନ ଉଠାଇଛନ୍ତି। ଏନେଇ ଡିସିପି ଅନୁପ କୁମାର ସାହୁ କହିଛନ୍ତି, ଅଭିଯୋଗର ତଦନ୍ତ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।



ନରଣଗଡ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ବିପନ୍ନମାନେ ଧାରଣା ଦେଇଛନ୍ତି ।

■ ଜିଓ ଟ୍ୟାଗ୍ ତାଲିକାରେ ଅନିୟମିତତା

## ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ ବିପନ୍ନ

**ଖୋର୍ଦ୍ଧା ଅଫିସ,୯।୧୨**

ଖୋର୍ଦ୍ଧା ବ୍ଲକ ନରଣଗଡ ପଞ୍ଚାୟତରେ ଜିଓ ଟ୍ୟାଗ ତାଲିକାରେ ଅନିୟମିତତା ନେଇ ସୋମବାର ଉତ୍ତେଜନା ଦେଖାଦେଇଥିଥଲା। ଏହାର ପ୍ରତିବାଦରେ ଫନୀ ବିପନ୍ନମାନେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ତେବେ ଆନ୍ଦୋଳନ ସ୍ଥଳରେ କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚି ନ ଥିବା ଜଣାପଡିଛି। ଫନୀ ବିପନ୍ନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇବା ପାଇଁ ସରକାର ଘୋଷଣା କରିଥିଲେ ମଧ ବହୁ କ୍ଷତିଗ୍ରସ୍ତଙ୍କ ନାଁ ନ ଥିବା ଜଣାପଡିଥିଲା। ପଞ୍ଚାୟତର ବହୁ କୋଠାଘର ଥିବା ଲୋକ ନିଜକୁ ବିପନ୍ନ ଦର୍ଶାଇ ନିଜ ନାମକୁ ଜିଓ ଟ୍ୟାଗ୍ ତାଲିକାରେ ସାମିଲ କରିଛନ୍ତି। ଜିଓ ଟ୍ୟାଗ୍ ତାଲିକାରେ ନାଁ ସାମିଲ ପାଇଁ ବିପନ୍ନମାନେ ଆବେଦନ କରିଥିଲେ ମଧ ସେମାନଙ୍କୁ ସାମିଲ କରାଯାଇନାହିଁ। ଏ ନେଇ ମାନପୁରର ଶଶାଙ୍କ ପ୍ରଧାନ, ଓରିମିର ମନୋରଞ୍ଜନ ରଣସିଂ, ବଳପୁରର କୈଳାସ ମହାନା, ହାଡପଦାର ସୁଦର୍ଶନ ଜେନା, କୁରୁମପଡାର ଅହଲ୍ୟା ମାର୍ଥା କୁହନ୍ତି, ଗରିବ ଲୋକ ସବୁବେଳେ ହଇରାଣ ହୁଏ। ଲାଞ୍ଚ ଦେଇ ନ ପାରିବାରୁ ଅସୁବିଧାରେ ପଡେ। ଏଥିରେ କେତେଜଣ ପଞ୍ଚାୟତସ୍ତରୀୟ ରାଜନେତା, ଦଲାଲ ଓ ବ୍ଲକର କର୍ମଚାରୀ ରହିଛନ୍ତି। ଆମର ଘର ଭାଙ୍ଗିଲା। ଭଙ୍ଗା ଘରେ ରହୁଛୁ। ହେଲେ ଆମକୁ ଆବାସ ଯୋଜନାରେ ଘର ଦିଆଯାଉ ନାହିଁ। ଜିଓ ଟ୍ୟାଗ୍ ତାଲିକାରେ ଆମ ନାଁ ସଂଯୋଗ କରାଗଲା ନାହିଁ। ଏହାର ଭିଜିଲାନ୍ସ ତଦନ୍ତ କରାଯାଉ। କେଉଁମାନେ ଆବାସ ଯୋଜନାରେ ସାମିଲ ହେଉଛନ୍ତି ସେମାନଙ୍କର ନାମ ତାଲିକାକୁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଝୁଲାଯାଉ। ନ ହେଲେ ପୁଣି ଆନ୍ଦୋଳନ କରିବେ ବୋଲି ବିପନ୍ନମାନେ ଚେତାବନୀ ଦେଇଛନ୍ତି।

### ଘରେ ପଶି ହତ୍ୟା ଧମକ, ଜଣେ ଗିରଫ

**ଭୁବନେଶ୍ୱର, ୯।୧୨(ବ୍ୟୁରୋ)**

ଶହୀଦନଗର ଥାନା ଅଞ୍ଚଳରେ ରହୁଥିବା ଜଣେ ଯୁବତୀଙ୍କ ଘରେ ପଶି ପରିବାର ଲୋକଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୁକ୍ତଙ୍କୁ ପୋଲିସ ସୋମବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଅନୁଗୋଳ ଜିଲା ବିକ୍ରମପୁର ଥାନା ଅଞ୍ଚଳର ଦୀପକ ରୋଶନ (୩୫)। ଦୀପକ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ରହୁଥିବାବେଳେ ଶହୀଦନଗର ଥାନା ଅଞ୍ଚଳରେ ରହୁଥିବା ଯୁବତୀଙ୍କ ସହ ପ୍ରେମସମ୍ପର୍କ ଗଢିଉଠିଥିଲା। ପରେ ଦୀପକ ଯୁବତୀଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ। ଏଥିରେ ଯୁବତୀ ଜଣଙ୍କ ନାରାଜ ହେବା ସହ ଉଭୟଙ୍କ ସମ୍ପର୍କରେ ତିକ୍ତତା ଆସିଥିଲା। ଯୁବତୀ ଜଣଙ୍କ ଅଭିଯୁକ୍ତଙ୍କୁ ଦେଖା ନ କରିବାରୁ ଦୀପକ ଉତ୍କ୍ଷିପ୍ତ ହୋଇଥିଲେ। ଗତ ୪ ତାରିଖରେ ଅଭିଯୁକ୍ତ ଦୀପକ ଯୁବତୀଙ୍କ ଘରେ ପଶି ପରିବାର ଲୋକଙ୍କୁ ଗାଳି ଗୁଲଜ କରିଥିଲେ। ଯଦି ଯୁବତୀଙ୍କ ସହ ତାଙ୍କର ବିବାହ ନ ହୁଏ ତେବେ ପରିବାର ଲୋକଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ପରିବାର ଲୋକେ ଥାନରେ ଅଭିଯୋଗ କରିବା ପରେ ପୋଲିସ ନଂ୬୫୭/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

### ଫୁଟବଲ: କିଶୋର କ୍ଲବ ବିଜୟୀ

**ଯାଁଳା,୯।୧୨(ଡି.ଏନ୍.ଏ.):**

ଜଟଣୀ ବ୍ଲକ ମଦନପୁର ଖେଳପଡିଆରେ ୮ମ ରାଜ୍ୟସ୍ତରୀୟ ମଦନପୁର କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ କିଶୋର କ୍ଲବ, ଭୁବନେଶ୍ୱର ବିଜୟୀ ହୋଇଛି। ଏହି ମ୍ୟାଚ କିଶୋର କ୍ଲବ, ଭୁବନେଶ୍ୱର ଓ ନିପେନ କ୍ଲବ, କଟକ ମଧରେ ଅନୁଷ୍ଠିତ ହୋଇଥିଲା। କିଶୋର କ୍ଲବ ପକ୍ଷରୁ ଅଜିତ୍ ରାଉତ ଗୋଟିଏ ଗୋଲ କରିଥିଲେ। ଫଳରେ ଏହି କ୍ଲବ ୧-୦ରେ ବିଜୟୀ ହୋଇଥିଲା। ଏହି ମ୍ୟାଚକୁ ପ୍ରଶାନ୍ତ ପାଲ, ଶିବଶଙ୍କର ପଣ୍ଡା, ସୁଶାନ୍ତ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

## କୃଷ୍ଣପ୍ରସାଦରେ ଭାଜପା କର୍ମୀ ସମ୍ମିଳନୀ

**କୃଷ୍ଣପ୍ରସାଦ,୯।୧୨(ଡି.ଏନ.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଭାଜପାର କର୍ମୀ ସମ୍ମିଳନୀ ସୋମବାର ଚିଲିକା ନୂଆପଡାସ୍ଥିତ ମା' ଚଣ୍ଡୀ ଠାକୁରାଣୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣପ୍ରସାଦ ମଣ୍ଡଳ ସଭାପତି ଦୀନବନ୍ଧୁ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟକଙ୍କ ପ୍ରତିନିଧି ରଘୁନାଥ ବଡୁ, ବ୍ଲକ ଭାଜପା ଯୁବମୋର୍ଚ୍ଚା ପ୍ରଭାରୀ ଉତ୍ତମ କୁମାର ତରେଇ, ବ୍ଲକ ମିଡିଆସେଲ ମୁଖ୍ୟ ସଂଗ୍ରାମ କେଶରୀ ଜେନା, ବ୍ଲକ ଭାଜପା ଯୁବମୋର୍ଚ୍ଚା ସଭାପତି ବିଷ୍ଣୁ ପ୍ରସାଦ ବେହେରା, ପୁରୀ ଜିଲା ଭାଜପା ମୁଖପାତ୍ର କ୍ଷେତ୍ରବାସୀ ପଲେଇ, ବ୍ରହ୍ମଗିରୀ ନିର୍ବାଚନ ମଣ୍ଡଳୀ ଯୁବ ସଂଯୋଜକ ସୁରେନ୍ଦ୍ର କୁମାର ବିଶ୍ୱାଳଙ୍କ ସମେତ ଚିଲିକା ନୂଆପଡା, କୃଷ୍ଣପ୍ରସାଦ, ଅଲଣ୍ଡା ଓ ବୁଦ୍ଧିବର ପଞ୍ଚାୟତର ସରପଞ୍ଚ ଯୋଗଦେଇ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । କୃଷ୍ଣପ୍ରସାଦ ଭାଜପା ମଣ୍ଡଳ ସଭାପତି ଭାବେ ପୁନର୍ବାର ଦୀନବନ୍ଧୁ ଜେନାଙ୍କୁ ମନୋନୀତ କରାଯାଇଥିଲା। ମଙ୍ଗଳବାର ବ୍ରହ୍ମଗିରୀ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଦୁଇ ଦିନିଆ କୃଷ୍ଣପ୍ରସାଦ ଗସ୍ତ ନେଇ ମଧ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧରେ ଶରତ ଚନ୍ଦ୍ର ଜେନା, ଅମିନ ଦାସ, ଶ୍ରୀଧର ପଲେଇ, ଭିକାରୀ ବିଶ୍ୱାଳ, ପ୍ରଦୀପ କୁମାର ଜେନାଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ବିଜ୍ଞାନମେଳାରେ ୧୨୦ପ୍ରକଳ୍ପ ପ୍ରଦର୍ଶିତ



ଅତିଥିମାନେ ବିଭିନ୍ନ ପ୍ରକଳ୍ପ ବୁଲି ଦେଖୁଛନ୍ତି ।

**ଜଟଣୀ,୯।୧୨(ଡି.ଏନ୍.ଏ.):**

ଜଟଣୀସ୍ଥିତ ସ୍ୱସ୍ତିଜ୍ୟୋତି ସ୍କୁଲ ଅଫ୍ ବେସିକ୍ ସାଇନ୍ସରେ ସୋମବାର ବିଜ୍ଞାନମେଳା ଅନୁଷ୍ଠିତ ହୋଇଛି। ଏଥିରେ ୧୨୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଜଟଣୀ ବ୍ଲକ ବିଡିଓ ବାସୁଦେବ ମାହାରୀ ଓ ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ ଅତିଥିଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସ୍କୁଲ ଚେୟାରମ୍ୟାନ ଗଙ୍ଗାଧର ବରାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା।

## ମତ୍ସ୍ୟଜୀବୀ ମହାସଂଘର ଆନ୍ଦୋଳନ ୧୫ଦିନରେ

**କୃଷ୍ଣପ୍ରସାଦ,୯।୧୨(ଡି.ଏନ.ଏ.):**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ଚିଲିକାରୁ ଘେରି ଉଚ୍ଛେଦ ବିରୋଧରେ ଚିଲିକା ଦ୍ୱୀପାଞ୍ଚଳ ପେଶାଦାର ମତ୍ସ୍ୟଜୀବୀ ମହାସଂଘ ତରଫରୁ ତହସିଲ ଅଫିସ ଆଗରେ ଚାଲିଥିବା ଧାରଣା ସୋମବାର ୧୫ଦିନରେ ପହଞ୍ଚିଛି। ଏହି ଅବସରରେ ପୂର୍ବାହ୍ନରେ ୩୫ ମୌଜା ପରିଚାଳନା କମିଟି ସ୍ଥାୟୀ ସଭାପତି ଦାମୋଦର ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମହାସଂଘ ସଭାପତି କେଳୁ ଚରଣ ଜେନା, ସମ୍ପାଦକ କବିରାଜ ମାଝି, ଦୀନବନ୍ଧୁ ଜେନା, ସୁରେନ୍ଦ୍ର ନାଥ ମାଝି, ଦୁର୍ଗା ଚରଣ ଦାଶ, ବିଦ୍ୟାଧର ପଲେଇ, ଗୋଲଖ ବିହାରୀ ସାହୁ, ଦାମୋଦର ଜେନାଙ୍କ ସମେତ ଅଞ୍ଚଳର ଶତାଧିକ ଜନସାଧାରଣ ଯୋଗଦେଇ ଚିଲିକା ଘେରିବନ୍ଧ ଉଚ୍ଛେଦ କରାଗଲେ ଉପକୂଳବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଗ୍ରାମବାସୀ ବନ୍ୟା କିମ୍ବା ବାତ୍ୟା ସମୟରେ ହଇରାଣ ହେବେ ବୋଲି କହିଥିଲେ। ମଙ୍ଗଳବାର ପୁନର୍ବାର ଏକ ବୈଠକ କରାଯାଇ ଆନ୍ଦୋଳନ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ମହାସଂଘ କର୍ମକର୍ତ୍ତା କହିଛନ୍ତି। ଅନ୍ୟପକ୍ଷେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ ଚିଲିକାରୁ ଘେରି ଉଚ୍ଛେଦ କରାଯିବ ବୋଲି ତହସିଲଦାର ସ୍ପଷ୍ଟ କରିଥିବାରୁ ଏହାର ପରବର୍ତ୍ତୀ ରୂପରେଖ କିପରି ହେବ ତାହାକୁ ନେଇ ଚର୍ଚ୍ଚା ଚାଲିଛି।

ଚିଲିକା ସେଲ୍‌ଡ଼କ୍ ଫକ୍ କାର୍ନିଭାଲ ତୃତୀୟ ସନ୍ଧ୍ୟା

## ମନ ମୋହିଲା ଆସାମର 'ବିହୁ' ଓ ପଶ୍ଚିମବଙ୍ଗର 'ପୁରୁଲିଆ' ନୃତ୍ୟ




**ବାଲୁଗାଁ,୯।୧୨(ଡି.ଏନ.ଏ.):**

ପୁରାତନ ସଂସ୍କୃତି ଓ ଲୋକକଳାକୁ ଉଜ୍ଜୀବିତ ଉଦ୍ଦେଶ୍ୟରେ ସ୍ଥାନୀୟ ବଡ଼କୁଳସ୍ଥିତ ଚିଲିକା ତଟଦେଶରେ ଅବସ୍ଥାପିତ ଓଡ଼ି ଆର୍ଟ ପୂର୍ବାଶା ମ୍ୟୁଜିୟମ୍ ପରିସରରେ ଚାଲିଥିବା ଚିଲିକା ସେଲ୍‌ଡ଼କ୍ ଫକ୍ କାର୍ନିଭାଲର ସୋମବାର ଥିଲା ତୃତୀୟ ସନ୍ଧ୍ୟା। ଆସାମର ବିହୁ ଓ ପଶ୍ଚିମବଙ୍ଗର ପୁରୁଲିଆ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ମଧ୍ୟାହ୍ନରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ହୁଳହୁଳି, ଶଙ୍ଖଧ୍ୱନି, ଚିତାମୁରୁଜ ଓ ସୁନ୍ଦର ଚିତ୍ରକଳା ପ୍ରତିଯୋଗିତା ହୋଇଥିଲା। ଏହି ଅବସରରେ ନୌକା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ତିନୋଟି ଗ୍ରୁପ୍ ଓ ସୁନ୍ଦର କଳା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଅନୁଷ୍ଠାନକୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବୁଧବାର ଏହି ମହୋତ୍ସବ ଉଦ୍‌ଯାପିତ ହେବ।

## ୫ ଧାନମଣ୍ଡି ଉଦ୍‌ଘାଟିତ

**ଖୋର୍ଦ୍ଧା ଅଫିସ,୯।୧୨:** ଖୋର୍ଦ୍ଧା ଜିଲାର ୫ଟି ମଣ୍ଡିରେ ସୋମବାର ଧାନ କିଣା ଆରମ୍ଭ ହୋଇଛି। ଖୋର୍ଦ୍ଧା ବ୍ଲକର ପୁରୁସାହି, ବାଲିପାଟଣା ବ୍ଲକର ନିଶ୍ଚିତପୁର, ବାଲିଅନ୍ତା ବ୍ଲକର ସରକଣା, ବାଣପୁର ବ୍ଲକର ହଳନ୍ଦ, ଚିଲିକା ବ୍ଲକର ଜରିପଡାରେ ଧାନମଣ୍ଡି ଖୋଲିଛି। ପୁରୁସାହିର ଧାନମଣ୍ଡିକୁ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଉଦ୍‌ଘାଟନ କରିଥିଲେ। ଜିଲାପାଳ ସିତାଂଶୁ କୁମାର ରାଉତ ଓ ଜିଲା ଯୋଗାଣ ଅଧିକାରୀ ରବୀନ୍ଦ୍ର ବେହେରା ଉପସ୍ଥିତ ଥିଲେ।

## ଗାନ୍ଧୀ ସ୍ମାରକୀ ସମାରୋହ ଉଦ୍‌ଘାଟିତ

**ବୋଲଗଡ,୯।୧୨(ଡି.ଏନ୍.ଏ.):**

ବୋଲଗଡ ନନ୍ଦିଘୋଷ ଭବନ ପରିସରରେ ସୋମବାର ଗାନ୍ଧୀ ସ୍ମାରକୀ ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ଅନୁଷ୍ଠାନର ସଭାପତି ତଥା ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। ଚିଲିକା ବିଧାୟକ ତଥା ଖୋର୍ଦ୍ଧା ଜିଲା ଯୋଜନାବୋର୍ଡର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦ୍ଦେବ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଅଧାପକ ଦାଶ ବେନହୁର, ଜିଲାପରିଷଦ ସଭ୍ୟ ଅର୍ଜୁନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧରେ ଅନୁଷ୍ଠାନ ପକ୍ଷରୁ ଐତିହାସିକ



ଅତିଥିମାନେ ଫଟୋଚିତ୍ର ପ୍ରଦର୍ଶନୀକୁ ବୁଲି ଦେଖୁଛନ୍ତି।

ରବୀନ୍ଦ୍ର କୁମାର ପରିଡା ମଞ୍ଚ ପରିଚାଳନା କରିଥିଲେ। ନନ୍ଦିଘୋଷର ସମ୍ପାଦକ ଗୁଣନିଧି ହୋତା ଧନ୍ୟବାଦ ଦେଇଥିଲେ। ଗାନ୍ଧିଜୀଙ୍କ ଜୀବନୀକୁ ନେଇ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖିଥିଲେ। ଛାତ୍ରୀଛାତ୍ରଙ୍କ ମଧରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୂଚନାଥାଉକି, ୧୯୨୭ମସିହା ଡିସେମ୍ବର ୯ରୁ ୧୧ତାରିଖ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ବୋଲଗଡରେ ରହଣି କରିଥିଲେ। ଏହି ଅବିସ୍ମରଣୀୟ ସ୍ମୃତିକୁ ନେଇ ନନ୍ଦିଘୋଷ ଭବନ ପକ୍ଷରୁ ଏହି ସ୍ମାରକୀ ସମାରୋହ ଆୟୋଜିତ ହୋଇଛି।

### କ୍ରିକେଟ: ସେମିରେ ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ

**ଖୋର୍ଦ୍ଧା ଅଫିସ,୯।୧୨:**

ଖୋର୍ଦ୍ଧା ସହର ଗୁରୁଜଙ୍ଗ କ୍ରିକେଟ ପଡ଼ିଆରେ ଚାଲିଥିବା ଗୁରୁଜଙ୍ଗ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ କଳିଙ୍ଗ ଟାଇଗର ଖୋର୍ଦ୍ଧାକୁ ୬ ଉଇକେଟରେ ହରାଇ ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ ସେମିଫାଇନାଲକୁ ପ୍ରବେଶ କରିଛି। କଳିଙ୍ଗ ଦଳ ଟସ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୯ ଉଇକେଟ ହରାଇ ୧୫୮ରନ ସଂଗ୍ରହ କରିଥିଲା। ଜବାବରେ ବାଙ୍କୀ ଦଳ ୧୮.୨ ଓଭରରେ ୪ ଉଇକେଟ ହରାଇ ୧୬୦ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଗୌରୀଶଙ୍କର ରାଉତରାୟ ଅତିଥିଭାବେ ଯୋଗଦେଇ ଶ୍ରେଷ୍ଠ ଖେଳାଳି ଭାବେ ସାଗର ବେହେରାଙ୍କୁ ପୁରସ୍କୃତ କରିଥିଲେ।

## ବସନ୍ତଙ୍କ ଚିକିତ୍ସାରେ ଅର୍ଥ ବାଧକ

**ବେଗୁନିଆ,୯।୧୨(ଡି.ଏନ୍.ଏ.):**

ସରକାରୀ ଯୋଜନା ଏବେ ବି ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ଏଭଳି ଘଟଣା ଦେଖିବାକୁ ମିଳିଛି ବେଗୁନିଆ ବ୍ଲକ ଡିଙ୍ଗର ଗ୍ରାମରେ। ଏହି ଗ୍ରାମର ବସନ୍ତ ମହାପାତ୍ର(୬୫)ଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିବା ବେଳେ ତାଙ୍କୁ ମିଳିଥିବା ଆବାସ ଯୋଜନାର ଦୁଇ କିସ୍ତି ଦିଆଯାଇ ଅଧାରୁ ମଞ୍ଜୁରି ବନ୍ଦ କରିଦିଆଯାଇଛି। ସୂଚନାଥାଉ କି, ବସନ୍ତଙ୍କର କୌଣସି ସନ୍ତାନ ନ ଥିବା ବେଳେ ସେ ଗାଁ ଗାଁ ବୁଲି ସୁନା, ରୁପା ମରାମତି କରି ଯେତିକି ଅର୍ଥ ଉପାର୍ଜନ କରନ୍ତି ସେଥିରେ ଉଭୟ ଦମ୍ପତି ଚଳନ୍ତି। ବସନ୍ତ କୌଣସି ରୋଗରେ ଆକ୍ରାନ୍ତ ହେବାରୁ ଗତ ଦୁଇବର୍ଷ ହେବ ସେ ଆଉ କୌଣସି କାମ କରିପାରୁ ନାହାନ୍ତି। ଫଳରେ ତାଙ୍କ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ସରକାରୀ



ବସନ୍ତ ମହାପାତ୍ର ଓ ତାଙ୍କ ସ୍ତ୍ରୀ ହାରାମଣି ।

ସହାୟତା ମିଳିଲେ ବସନ୍ତ ରୋଗରୁ ଉପଶମ ହୁଅନ୍ତେ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ୨୦୧୭-୧୮ ଆର୍ଥିକ ବର୍ଷରେ ଆବାସ ଯୋଜନାରେ ବସନ୍ତଙ୍କୁ ସାମିଲ କରାଯାଇଥିଲା। ବସନ୍ତ ଘର ତୋଳିବା ଆରମ୍ଭ କରିବା ସହ ଦୁଇଟି କିସ୍ତି ବାବଦ ୭୦ହଜାର ଟଙ୍କା ପାଇଥିଲେ।

### ଆବାସ କିସ୍ତି ଅଧାରୁ ବନ୍ଦ

ଏହା ପରେ ଉକ୍ତ ପ୍ଲଟର ରେକର୍ଡ ଠିକ୍ ନାହିଁ ବୋଲି ଦର୍ଶାଇ ସରକାରୀ ଅଧିକାରୀମାନେ ପାଇବାକୁ ଥିବା ଆଉ ଦୁଇ କିସ୍ତି ଅର୍ଥାତ୍ ୫୦ହଜାର ଟଙ୍କା ମଞ୍ଜୁରି ବନ୍ଦ କରିଦେଇଛନ୍ତି। ଏ ସମ୍ପର୍କରେ ବସନ୍ତଙ୍କ ସ୍ତ୍ରୀ ହାରାମଣି କୁହନ୍ତି, ସ୍ୱାମୀ ରୋଗରେ ଆକ୍ରାନ୍ତ ହେବା ପରେ ଅର୍ଥର ଅଭାବ ଦେଖାଯାଇଛି। ଛାତ ତଳେ ଆଶ୍ରୟ ନେବୁ ବୋଲି ଆଶା କରିଥିଲୁ। ପ୍ଲଟର ରେକର୍ଡ ଠିକ୍ ନାହିଁ ବୋଲି କହି ସରକାରୀ ଅଧିକାରୀମାନେ ବିଲ ମଞ୍ଜୁରି ବନ୍ଦ କରିଦେଇଛନ୍ତି। ଭଡ଼ା ଟଙ୍କାରେ ପରିବାର ଚଳିବା କଷ୍ଟକର ହୋଇପଡୁଛି। ଏ ନେଇ ବିଡିଓ ରବିନାରାୟଣ ମାଝୀଙ୍କୁ ପଚାରିବାରୁ, ମୋ ପାଖରେ ଏଭଳି ଖବର ନାହିଁ। ତଥାପି ତଦନ୍ତ କରି ବିଧିବଦ୍ଧ ବ୍ୟବସ୍ଥା କରିବି।

**କୃଷ୍ଣପ୍ରସାଦରେ ଭାଜପାର କର୍ମୀ ସମ୍ମିଳନୀ**

କୃଷ୍ଣପ୍ରସାଦ,(ଡି.ଏନ.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଭାଜପାର କର୍ମୀ ସମ୍ମିଳନୀ ସୋମବାର ଚିଲିକା ନୂଆପଡାସ୍ଥିତ ମା' ଚଣ୍ଡୀ ଠାକୁରାଣୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣପ୍ରସାଦ ମଣ୍ଡଳ ସଭାପତି ଦୀନବନ୍ଧୁ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟକଙ୍କ ପ୍ରତିନିଧି ରଘୁନାଥ ବଡୁ, ବ୍ଲକ ଭାଜପା ଯୁବମୋର୍ଚ୍ଚା ପ୍ରଭାରୀ ଉତ୍ତମ କୁମାର ତରେଇ, ବ୍ଲକ ମିଡିଆସେଲ ମୁଖ୍ୟ ସଂଗ୍ରାମ କେଶରୀ ଜେନା, ବ୍ଲକ ଭାଜପା ଯୁବମୋର୍ଚ୍ଚା ସଭାପତି ବିଷ୍ଣୁ ପ୍ରସାଦ ବେହେରା, ପୁରୀ ଜିଲା ଭାଜପା ମୁଖପାତ୍ର କ୍ଷେତ୍ରବାସୀ ପଲେଇ, ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଯୁବ ସଂଯୋଜକ ସୁରେନ୍ଦ୍ର କୁମାର ବିଶ୍ୱାଳ ଯୋଗଦେଇଥିଲେ।

## ସଂକ୍ଷେପରେ

■ପାଠପଢ଼ା ସମୟରେ ଶିକ୍ଷାଧିକାରୀଙ୍କ ବଣଭୋଜି ଘଟଣା

### ତଦନ୍ତ ନିର୍ଦ୍ଦେଶ ଦେଲେ ଅତିରିକ୍ତ ଜିଲାପାଳ

ଗୋପ, ୯।୧୨(ଡି.ଏନ୍.ଏ.):ବିଦ୍ୟାଳୟରେ ପାଠପଢ଼ା ଛାଡ଼ି ଖୋଦ୍ ବ୍ଲକ୍ ଶିକ୍ଷାଧିକାରୀଙ୍କ ସମେତ ଆଉ କେତେକ ଶିକ୍ଷାଧିକାରୀ ଓ ଶିକ୍ଷକ ଗତ ୬ ତାରିଖ ଦିନ କୋଣାର୍କ ନିକଟ ମା' ଭଗବତୀ ପୀଠରେ ବଣଭୋଜିକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଥିଲା। ଏପରି ଗୁରୁତର ଅଭିଯୋଗକୁ ନେଇ କେତେକ ଗଣମାଧମରେ ଖବର ପ୍ରକାଶିତ ହେବା ପରେ ସୋମବାର ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ୭ ଦିନ ଭିତରେ ତଦନ୍ତ କରି ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ୍ ଘୋଷ ଓ ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ଅଧିକାରିଣୀ ସୌନ୍ଦର୍ଯ୍ୟା ମଞ୍ଜରୀ ଦେଇ ଅତିରିକ୍ତ ଶିକ୍ଷାଧିକାରୀଙ୍କୁ ତଦନ୍ତ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶରେ ସ୍ପଷ୍ଟ କରାଯାଇଛି।

ବ୍ଲକ୍ ଶିକ୍ଷାଧିକାରୀ ବସନ୍ତ କୁମାର ମିଶ୍ର, ଦୁଇ ଜଣ ଅତିରିକ୍ତ ଶିକ୍ଷାଧିକାରୀ, ୨୦ରୁ ଉର୍ଦ୍ଧ୍ୱ ସିଆର୍‌ସିସିଙ୍କ ସହିତ ୬୦ରୁ ଉର୍ଦ୍ଧ୍ୱ ଶିକ୍ଷକ ପାଠପଢ଼ା ଛାଡ଼ି ବଣଭୋଜିର ଆସର ଜମାଇଥିବା ଖବର ପ୍ରକାଶିତ ହୋଇଥିଲା। ପରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପାଠପଢ଼ା ଛାଡ଼ି ଭୋଜି ଭାତ କରିଥିବା ଶିକ୍ଷାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ ମଧ ଚାରି ଦିନ ପରେ କୌଣସି କାର୍ଯ୍ୟାନୁଷ୍ଠାନ କରାଯାଇନାହିଁ। ଏ ନେଇ ଅତିରିକ୍ତ ଜିଲାପାଳ ସାହୁଙ୍କୁ ପଚାରିବାରେ ଅଭିଯୋଗକୁ ନେଇ ତଦନ୍ତ ନିର୍ଦ୍ଦେଶ ଦେଇଛି। ରିପୋର୍ଟ ଆସିବା ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ବୋଲି କହିଥିଲେ।

### କଣାସ ରୋଡ୍ ରେଳଷ୍ଟେଶନ ନ୍ୟୁନତମ ସୁବିଧାରୁ ବଞ୍ଚିତ

କଣାସ, ୯।୧୨(ସ୍ୱ.ପ୍ର.): ଖୋର୍ଦ୍ଧା-ପୁରୀ ରେଳପଥର ମଧବର୍ତ୍ତୀ ହେଉଛି କଣାସ ରୋଡ୍ ରେଳଷ୍ଟେଶନ୍। ଏହି ରୁଟ୍‌ରେ ଥିବା ଅନ୍ୟ ରେଳଷ୍ଟେଶନ ତୁଳନାରେ ଏଠାରେ ନ୍ୟୁନତମ ସୁବିଧା ନ ଥିବା ଯାତ୍ରୀମାନେ ଅଭିଯୋଗ କରୁଛନ୍ତି। ଉଚ୍ଚକର୍ତ୍ତୃପକ୍ଷଙ୍କ ଅବହେଳାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ କେତେକ ହାତଗଣତି ପାସେଞ୍ଜର ଓ ଏକ୍ସପ୍ରେସ ଟ୍ରେନ୍ ବ୍ୟତୀତ ଅନ୍ୟ କୌଣସି ଟ୍ରେନ ରହଣିପାଇଁ ବ୍ୟବସ୍ଥା ନାହିଁ। ଖରା ବର୍ଷାରୁ ରକ୍ଷା ପାଇଁ ପ୍ଲାଟଫର୍ମ ଶେଡ୍, ପାନୀୟଜଳର ବ୍ୟବସ୍ଥା, ଯାତ୍ରୀ ବିଶ୍ରାମାଗାର, କଣାସ-ଡେଲାଙ୍ଗ ମୁଖ୍ୟ ରାସ୍ତାରୁ ଷ୍ଟେଶନ ପ୍ଲାଟଫର୍ମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ନାହିଁ। ନିକଟସ୍ଥ ରେଳଷ୍ଟେଶନ ସାକ୍ଷୀଗୋପାଳରେ ୮ଟି ଏକ୍ସପ୍ରେସ୍ ରହୁଥିବାବେଳେ କଣାସ ରୋଡ୍ ରେଳଷ୍ଟେଶନରେ ମାତ୍ର ୨ଟି ଏକ୍ସପ୍ରେସ୍ ରହୁଛି। ଏସବୁ ସମସ୍ୟାର ସମାଧାନପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ହେଉଥିଲେ ବି କୌଣସି ସୁଫଳ ମିଳୁନି। ତୁରନ୍ତ ଏସବୁ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ମତ୍ସ୍ୟଜୀବୀ ମହାସଂଘର ଆନ୍ଦୋଳନ ୧୫ଦିନରେ

କୃଷ୍ଣପ୍ରସାଦ,୯।୧୨(ଡି.ଏନ.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ଚିଲିକାରୁ ଘେରି ଉଚ୍ଛେଦ ବିରୋଧରେ ଚିଲିକା ଦ୍ୱୀପାଞ୍ଚଳ ପେଶାଦାର ମତ୍ସ୍ୟଜୀବୀ ମହାସଂଘ ତରଫରୁ ତହସିଲ ଅଫିସ ଆଗରେ ଚାଲିଥିବା ଧାରଣା ସୋମବାର ୧୫ଦିନରେ ପହଞ୍ଚିଛି। ଏହି ଅବସରରେ ପୂର୍ବାହ୍ନରେ ୩୫ ମୌଜା ପରିଚାଳନା କମିଟି ସ୍ଥାୟୀ ସଭାପତି ଦାମୋଦର ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମହାସଂଘ ସଭାପତି କେଲୁ ଚରଣ ଜେନା, ସମ୍ପାଦକ କବିରାଜ ମାଝି, ଦୀନବନ୍ଧୁ ଜେନା, ସୁରେନ୍ଦ୍ର ନାଥ ମାଝି, ଦୁର୍ଗା ଚରଣ ଦାଶ, ବିଦ୍ୟାଧର ପଲେଇ, ଗୋଲଖି ବିହାରୀ ସାହୁ, ଦାମୋଦର ଜେନାଙ୍କ ସମେତ ଅଞ୍ଚଳର ଶତାଧିକ ଜନସାଧାରଣ ଯୋଗଦେଇ ଚିଲିକା ଘେରିବନ୍ଧ ଉଚ୍ଛେଦ କରାଗଲେ ଉପକୂଳବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଗ୍ରାମବାସୀ ବନ୍ୟା କିମ୍ବା ବାତ୍ୟା ସମୟରେ ହଇରାଣ ହେବେ ବୋଲି କହିଥିଲେ। ମଙ୍ଗଳବାର ପୁନର୍ବାର ଏକ ବୈଠକ କରାଯାଇ ଆନ୍ଦୋଳନ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ମହାସଂଘ କର୍ମକର୍ତ୍ତା କହିଛନ୍ତି। ଅନ୍ୟପକ୍ଷେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ ଚିଲିକାରୁ ଘେରି ଉଚ୍ଛେଦ କରାଯିବ ବୋଲି ତହସିଲଦାର ସ୍ପଷ୍ଟ କରିଥିବାରୁ ଏହାର ପରବର୍ତ୍ତୀ ରୂପରେଖ କିପରି ହେବ ତାହାକୁ ନେଇ ଚର୍ଚ୍ଚା ଚାଲିଛି।

# ଫଳକରେ ଶୋଭାପାଇବ ଜମିଦାତାଙ୍କ ନାମ

ପୁରୀ ଅଫିସ, ୯।୧୨:

ଭିଟାମାଟି ଛାଡ଼ିବାର ଦୁଃଖ ଅନ୍ୟ କେହି ବୁଝିପାରନ୍ତି ନାହିଁ। ପରିସ୍ଥିତିରେ ପଡ଼ି ହେଉ ଅବା ବାଧବାଧକତାରେ ଯେଉଁମାନେ ଭିଟାମାଟି ଛାଡ଼ନ୍ତି ସେହିମାନେ ହିଁ ଜାଣନ୍ତି ଏହାର କଷ୍ଟ। ପ୍ରତିବଦଳରେ ଯେତେ ଟଙ୍କା ଦେଲେ ବି ସେମାନଙ୍କ ମନ ବୁଝି ନ ଥାଏ। ଅନିଚ୍ଛା ସତ୍ତ୍ୱେ ସେମାନଙ୍କ ଠିକଣା ବଦଳିଯାଏ। ଆଉ ବିସ୍ଥାପିତର ନୂଆ ପରିଚୟ ପାଆନ୍ତି। କିଛିଦିନ ଆଲୋଚନା ପରେ ପୁଣି ସମସ୍ତେ ସେମାନଙ୍କୁ ଭୁଲିଯାଆନ୍ତି। ହେଲେ ଏଥିରେ ବ୍ୟତିକ୍ରମ ହେବାକୁ ଯାଉଛି ପୁରୀ ପ୍ରଶାସନ। ଶ୍ରୀମନ୍ଦିର ସୁରକ୍ଷା ପାଇଁ ଯେଉଁମାନେ ଜମି ତ୍ୟାଗ କରି ବିସ୍ଥାପିତ ହେବେ ସେମାନଙ୍କ ନାମ ଫଳକରେ ଶୋଭାପାଇବ। ପୁରୀକୁ ଆସୁଥିବା ଭକ୍ତ, ପର୍ଯ୍ୟଟକ ଏବଂ ଯାତ୍ରୀ ସେମାନଙ୍କ ତ୍ୟାଗର କଥାକୁ ମନେ ପକାଇବେ। ଏଥିଲାଗି ସୁରକ୍ଷା ଜୋନ ମଧରେ ଫଳକ ରହିବ। ଏଥିରେ ଜମିଦାତାଙ୍କ ନାମ ରଖାଯିବା ଲାଗି ପ୍ରଶାସନିକସ୍ତରରେ ଆଲୋଚନା ହୋଇଛି।

ଶ୍ରୀମନ୍ଦିର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ମେଘନାଦ ପାଚେରି କଡ଼ରୁ ୭୫ ମିଟର ପରିଧି ମଧରେ ଜାଗା ଖାଲି କରିବାକୁ ରାଜ୍ୟ ସରକାର ଘୋଷଣା କରିବା ପରେ ଏହାକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ଚାଲିଥିଲା। ମହାପ୍ରଭୁଙ୍କ ପାଇଁ ତ୍ୟାଗ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

**ମହାପ୍ରଭୁଙ୍କ ପାଇଁ ତ୍ୟାଗ**



ଆହ୍ୱାନ ଦେଇଥିଲେ। ତେବେ ଏହି ସୁରକ୍ଷା ଜୋନ୍‌ରେ ଥିବା ୧୮୫ଟି ଘରୋଇ ପ୍ଲଟ ମଧରେ ବହୁ ବାସଗୃହ, ହୋଟେଲ, ଲଜିଂ, ମଠ, ମନ୍ଦିର ଏବଂ ବ୍ୟବସାୟ ପ୍ରତିଷ୍ଠାନ ରହିଥିବାରୁ ଏହା ଏକପ୍ରକାର ଚ୍ୟାଲେଞ୍ଜ ହୋଇଥିଲା। ମାତ୍ର ମହାପ୍ରଭୁଙ୍କ ପ୍ରତି ଲୋକମାନଙ୍କ ସମର୍ପଣ ଭାବ ସରକାରଙ୍କୁ ସୁରକ୍ଷା ଜୋନ୍‌ରୁ ଜମି ଅଧିଗ୍ରହଣ ସହଜ କରିଦେଇଥିବା କୁହାଯାଇପାରେ। କାରଣ ବର୍ତ୍ତମାନ ସୁଦ୍ଧା ପ୍ରାୟ ୮୦ ପ୍ରତିଶତ ଘରୋଇ ଜମିର ବିକ୍ରି କବଲା ସରିଥିବାବେଳେ ପ୍ରଶାସନ ମଧ ଉଚ୍ଛେଦ ଆରମ୍ଭ କରିଛି। ତେଣୁ ଯେଉଁମାନେ ମହାପ୍ରଭୁଙ୍କ ପାଇଁ ସେମାନଙ୍କ ଭିଟାମାଟି ତ୍ୟାଗ କରିଛନ୍ତି ତାଙ୍କୁ ମନେ ପକାଇବା ପାଇଁ ପ୍ରଶାସନ ଏହି ପଦକ୍ଷେପ ନେବାକୁ ଯାଉଥିବା ଜଣାପଡ଼ିଛି। ସୂଚନାଥାଉ କି, ପୂର୍ବରୁ ମୁଖ୍ୟମନ୍ତ୍ରୀ ୧୧ ଜଣ ଜମିଦାତାଙ୍କୁ ମଧ ସମ୍ବର୍ଦ୍ଧିତ କରିସାରିଛନ୍ତି।

■ ଫିକା ପଡ଼ିଲା ଜନଶୁଣାଣି

# ଆସିଲେନି ଜିଲାପାଳ, ଏସ୍‌ପି: ଫେରିଲେ ଅଭିଯୋଗକାରୀ



ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇଥିବା ଅଧିକାରୀ ଓ ଲୋକମାନେ।

ଗୋପ, ୯।୧୨(ଡି.ଏନ୍.ଏ.)

ଗୋପ ବ୍ଲକ ବୈଠକ ଗୃହରେ ସୋମବାର ଅନୁଷ୍ଠିତ ଜନଶୁଣାଣି କାର୍ଯ୍ୟକ୍ରମକୁ ଜିଲାପାଳ, ଏସ୍‌ପିଙ୍କ ସହିତ ଆଉ କେତେକ ଅଧିକାରୀ ନ ଆସିବାରୁ ଲୋକଙ୍କ ମଧରେ ଅସନ୍ତୋଷ ଦେଖାଦେଇଥିଲା। କେତେକ ଅଭିଯୋଗକାରୀ ଅଭିଯୋଗ ନ କରିପାରି ଫେରିଯାଇଥିବାବେଳେ ୨୪୮ ଜଣଙ୍କ ଅଭିଯୋଗ ପଞ୍ଜୀକୃତ ହୋଇଥିବା ଜଣାପଡ଼ିଛି। ଏଥିରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ସହକାରୀ ଜିଲା ଯୋଗାଣ ଅଧିକାରୀ ପ୍ରଦୀପ୍ତ କୁମାର ମହାପାତ୍ର, ସର୍ବଶିକ୍ଷା ଜିଲା ପ୍ରକଳ୍ପ ଅଧିକାରିଣୀ ସୌନ୍ଦର୍ଯ୍ୟାମଞ୍ଜରୀ ଦେଇ, କୃଷି ଉପ ନିର୍ଦ୍ଦେଶକ କେ.ଚନ୍ଦ୍ରଶେଖର ରାଓ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣମାନଙ୍କ ଅଭିଯୋଗମାନ ଶୁଣିଥିଲେ। ଏଥିରେ ଘରଭଙ୍ଗା ସହାୟତା ସମ୍ପର୍କରେ ଅଧିକାଂଶ ବିପନ୍ନ ଅଭିଯୋଗ କରିଥିବାବେଳେ ଆବାସ ଯୋଜନାରେ ସାମିଲ ହେବା ପାଇଁ ମଧ ଅଭିଯୋଗମାନ ହୋଇଥିଲା। ସେହିପରି ଗୋପ ବ୍ଲକ୍ ଅଞ୍ଚଳରେ ଛତୁ ଫୁଟିଲା ଭଳି ଘରୋଇ ଶିକ୍ଷାନୁଷ୍ଠାନ ଖୋଲିବା ସହ ୧୩ ଗୋଟି ସରକାରୀ ସ୍କୁଲ ବନ୍ଦ ହେବାକୁ ନେଇ ମହିଳା ସାମାଜିକ କର୍ମୀ ନିରୁପମା ସ୍ୱାଇଁ ଅଭିଯୋଗ କରିଥିଲେ। ଗୋପ-ବାଲିଘାଇ ରାସ୍ତାର ଏକ ଘରୋଇ ଶିକ୍ଷାନୁଷ୍ଠାନ ପୂର୍ତ୍ତ ବିଭାଗ ଜମିର ଗଣେଶ୍ୱରପୁର ମୌଜା ଖାତା ନଂ୧୩୧୨ରେ ଥିବା ଦୁଇଟି ପ୍ଲଟ୍‌ର ସମୁଦାୟ ୫ଏକର ୩ ଡିସିମିଲି ଜମିକୁ ଜବରଦଖଲ କରି ସ୍କୁଲ ଗୃହ ନିର୍ମାଣ କରିବା ନେଇ ଅଭିଯୋଗ ହେବା ପରେ ଜିଲାପାଳ ବଲୱନ୍ତ ସିଂ ଗୋପ ତହସିଲଦାର ଓ ପୂର୍ତ୍ତ ବିଭାଗ ଏସ୍‌ଡିଓଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ସାଇକେଲରେ ସଚେତନତା ବାର୍ତ୍ତା



ସାଇକେଲ୍ ଯାତ୍ରୀମାନେ ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରୁ ଯାତ୍ରା ଆରମ୍ଭ କରୁଛନ୍ତି।

ପୁରୀ ଅଫିସ, ୯।୧୨:

ପଞ୍ଚମ କୋଣାର୍କ ଅନ୍ତର୍ଜାତୀୟ ସାଇକେଲ ଯାତ୍ରା ସୋମବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ସକାଳୁ ସମସ୍ତ ସାଇକେଲଯାତ୍ରୀ ସିଂହଦ୍ୱାରରେ ପହଞ୍ଚିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଦ୍ୱିତୀୟ ଦିନର ଯାତ୍ରା ଆରମ୍ଭ କରିଥିଲେ। ଏମାନେ ଚିଲିକା, କୃଷ୍ଣପ୍ରସାଦ ଦେଇ ଗଞ୍ଜାମ ଜିଲାର ତାମ୍ପରା ଅଭିମୁଖେ ଯାଇଥିଲେ। ଯିବା ବାଟରେ କୃଷ୍ଣପ୍ରସାଦ ବ୍ଲକର ତ୍ରିଲୋଚନଶ୍ୱର ବିଦ୍ୟାପୀଠରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିଥିଲେ। ଏଥିସହ ତମାଖୁମୁକ୍ତ ଏବଂ ପରିବେଶ ସୁରକ୍ଷା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରିଥିଲେ। ଦିନକୁ ଦିନ ଗାଡ଼ିମୋଟର ସଂଖ୍ୟା ବଢୁଥିବାରୁ ବାୟୁ ପ୍ରଦୂଷଣ ମଧ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଯଥାସମ୍ଭବ ସାଇକେଲ ବ୍ୟବହାର କରିବା ଲାଗି କହିଥିଲେ। ଏଥିସହ ଝିଅପୁଅଙ୍କ ମଧରେ କୌଣସି ତାରତମ୍ୟ ନ ରଖି ଉଭୟଙ୍କୁ ସମାନ ଭାବେ ଆଗକୁ ବଢିବା ଲାଗି ସୁଯୋଗ ଦିଆଯିବା ଦରକାର ବୋଲି ବାର୍ତ୍ତା ବାଣ୍ଟିଥିଲେ। ସୂଚନାଥାଉ କି, ଏହି ସାଇକେଲ ଯାତ୍ରୀମାନେ ୧୩ ଦିନରେ ୧୩୦୦ କିମି ଯାତ୍ରା କରିବେ। ରବିବାର ଭୁବନେଶ୍ୱରଠାରୁ ଏହି ଯାତ୍ରା ଆରମ୍ଭ ହୋଇଥିଲା।

## ଆଞ୍ଚଳିକ ଭଲିବଲ୍ ଉଦ୍‌ଯାପିତ, କଣାସ(କ) ଚାମ୍ପିୟନ

କଣାସ, ୯।୧୨(ସ୍ୱ.ପ୍ର.)

କଣାସ ବ୍ଲକ ତ୍ରିଲୋଚନପୁର ଗ୍ରାମର ବାବା କପିଳେଶ୍ୱର କ୍ଲବ ପକ୍ଷରୁ ଆୟୋଜିତ ହୋଇଥିବା ଦିବାରାତ୍ର ଆଞ୍ଚଳିକ ଭଲିବଲ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ସାମାଜିକ କର୍ମୀ ପ୍ରଭାତ କିଶୋର ଦାଶଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ କଣାସ (କ) ଦଳ ୨-୦ରେ ମନ୍ଦାରବସ୍ତ ଦଳକୁ ପରାସ୍ତକରି ଚାମ୍ପିୟନ ହୋଇଥିଲା। ଏହି ପ୍ରତିଯୋଗିତାରେ ରେଫରି ଭାବେ ବୀରବର ଭଞ୍ଜ ଓ ବିପିନ ମହାପାତ୍ର ଦାୟିତ୍ୱ ନିର୍ବାହ କରିଥିଲେ। ବାବା କପିଳେଶ୍ୱର ଭଲିବଲ୍ କ୍ଲବର ସୁନୀଲ୍ ତ୍ରିପାଠୀ, ଶିଶିର ଆଚାର୍ଯ୍ୟ, ରଶ୍ମିରଞ୍ଜନ ତ୍ରିପାଠୀ, ସୁନୀଲ୍ କୁମାର ରାଉତ ଓ ବିଜୟ କୁମାର ଦାଶ ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

# ସତ୍ୟବାଦୀ ଗୁରୁକୁଳ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ସାକ୍ଷୀଗୋପାଳ, ୯।୧୨(ଡି.ଏନ୍.ଏ.)

ସତ୍ୟବାଦୀ ଗୁରୁକୁଳ ସ୍କଲାର ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ସମ୍ମାନିତ ଅତିଥିଙ୍କ ମଧରେ ସଂସ୍କୃତି ଅନୁରାଗୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧର ଗମାଙ୍ଗ, ନିଖିଳ ଭାରତ ସନ୍ଥ କମିଟି ସଭାପତି ଶଙ୍କରାନନ୍ଦ ଗିରି ମହାରାଜ, ଗଜପତି ଜିଲା ସନ୍ଥ କମିଟି ସଭାପତି ରାଧାଚରଣ ଦାସ ମହାରାଜ ଏବଂ ମହନ୍ତ ହରିହର ଦାସ ମହାରାଜ ଯୋଗେଦେଇଥିଲେ। ଅତିଥିମାନେ ସଂସ୍କୃତି ପରମ୍ପରା ସହ ବିଦ୍ୟା ଅଧ୍ୟୟନ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହି ଅବସରରେ ପିଲାମାନଙ୍କ ମନୋରଞ୍ଜନ ନିମନ୍ତେ ଗିରିଧର ଗମାଙ୍ଗ ବାଦ୍ୟ, ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ବିଦ୍ୟାଳୟର ସଭାପତି ଲିଙ୍ଗରାଜ ପଣ୍ଡା ବାର୍ଷିକ ବିବରଣୀ ପାଠ କରିବା ସଙ୍ଗେସଙ୍ଗେ ଉତ୍ସବର ସଫଳତା ପାଇଁ ବିଦ୍ୟାଳୟ କାର୍ଯ୍ୟକାରୀ କମିଟି ସଭ୍ୟ ଓ ଅଭିଭାବକଙ୍କୁ କୃତଜ୍ଞତା ଜଣାଇଥିଲେ। ୧୨ ଜଣ ଶିଶୁଙ୍କୁ ନେଇ ଆରମ୍ଭ ହୋଇଥିବା ବିଦ୍ୟାଳୟର କଳେବର ବୃଦ୍ଧିପାଇ ଏବେ ୨ଶହରେ ପହଞ୍ଚିଛି। ଆଗାମୀ ଦିନରେ ନିଜସ୍ୱ ଜମିରେ ବିଦ୍ୟାଳୟ ଗଢ଼ି ଉଠିବା ନେଇ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ମିଶ୍ର ସୂଚନା ଦେଇଥିଲେ। ପରେ ଶିଶୁ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ଦେଇ ଉତ୍ସାହିତ କରିଥିଲେ। ଅଞ୍ଜନ ହୋତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଓମ୍ ପ୍ରତିଷ୍ଠାନ ପକ୍ଷରୁ ପୁରୀରେ ଅନୁଷ୍ଠିତ ଗୀତା ଜ୍ଞାନଯଜ୍ଞ।

# ସତ୍‌ମାର୍ଗ ଦେଖାଏ ଗୀତାପାଠ

ପୁରୀ ଅଫିସ, ୯।୧୨:

ଓମ୍ ପ୍ରତିଷ୍ଠାନ ପକ୍ଷରୁ ତ୍ରିଦିବସୀୟ ବାର୍ଷିକୋତ୍ସବ ଏବଂ ଗୀତା ଜୟନ୍ତୀ ଉତ୍ସବର ଦ୍ୱିତୀୟ ଦିନରେ ସୋମବାର ଘୃତଯଜ୍ଞ ଓ ନର ନାରାୟଣ ସେବା ଆୟୋଜିତ ହୋଇଥିଲା। ସକାଳ ୯ଟାରେ ଯଜ୍ଞ ଆରମ୍ଭ ହୋଇଥିଲା। ଶ୍ରୀମଦ୍ ଭଗବତ୍ ଗୀତାର ୧୮ ଅଧ୍ୟାୟ ପାଠ ସହ ଶ୍ଳୋକରେ ଆହୁତି ଦିଆଯାଇଥିଲା। ସ୍ୱାମୀ ରାମାନନ୍ଦ ସରସ୍ୱତୀ, ଅବନୀଶ ରଥ, ସ୍ନେହ ନନ୍ଦ, ରେଣୁକା ମିଶ୍ର, ସୀମାଞ୍ଚଳ ପଣ୍ଡା, ରମାବଲ୍ଲଭ ମହାପାତ୍ର, ଶରତ କୁମାର କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅପରାହ୍ନରେ ପୂର୍ଣ୍ଣାହୁତି ହୋଇଥିଲା। ଶତାଧିକ ଗୀତାପ୍ରେମୀ ଉପସ୍ଥିତ ଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଗୀତାପାଠର ଆବଶ୍ୟକତା ରହିଛି। ଏହା ମନୁଷ୍ୟକୁ ସତ୍‌ମାର୍ଗରେ ଯିବା ଲାଗି ପଥ ଦେଖାଏ ବୋଲି ମତ ପ୍ରକାଶ ପାଇଥିଲା।

■ ବକେୟା ଦରମା ଦାବିରେ ଆନ୍ଦୋଳନ ଘଟଣା

# ସିଡିଏମ୍‌ଓ, ଠିକା ସଂସ୍ଥାକୁ ନୋଟିସ

ପୁରୀ ଅଫିସ, ୯।୧୨:

ବକେୟା ଦରମା ପ୍ରଦାନ ଦାବିରେ ମେଡିକାଲ କର୍ମଚାରୀ ସଂଘ ପକ୍ଷରୁ ଦୁଇ ସପ୍ତାହ ଧରି ମେଡିକାଲ ପରିସରରେ ଧାରଣା ଚାଲିଛି। ଏହି ଘଟଣାରେ ଶ୍ରମ କମିଶନର ପୁରୀ ଡିଭିଜନ୍‌ର ଅତିରିକ୍ତ ଶ୍ରମ ଅଧିକାରୀ ସିଡିଏମ୍‌ଓ ଏବଂ ଠିକା ସଂସ୍ଥାକୁ ନୋଟିସ ଜାରି କରିଛନ୍ତି। ସଂଘର ୭ଦଫା ଦାବି ଉପରେ ଉଭୟ ପକ୍ଷଙ୍କ ଉପସ୍ଥିତିରେ ଆଲୋଚନା ଲାଗି ନୋଟିସ୍‌ରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଶହେରୁ ଉର୍ଦ୍ଧ୍ୱ ଠିକା କର୍ମଚାରୀ ପ୍ରାୟ ୧୦ମାସ ହେବ ବିନା ଦରମାରେ ଖଟୁଛନ୍ତି। ଏ ନେଇ ସେମାନେ ଧାରଣା ଜାରି ରଖିଛନ୍ତି। ସଂଘ ସଭାପତି ଆଇନଜୀବୀ ଶରତ ଚନ୍ଦ୍ର ରାୟଗୁରୁ ଏ ସମ୍ପର୍କରେ ଶ୍ରମ କମିଶନରଙ୍କ ପୁରୀ ଜିଲା କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ସଂଘ ସମ୍ପାଦକ ଅନିଲ କୁମାର ସୁବୁଦ୍ଧି କହିଛନ୍ତି, ଏପର୍ଯ୍ୟନ୍ତ ଦାବି ପୂରଣ ହୋଇନାହିଁ। ଅନ୍ୟପକ୍ଷେ କିଛିଦିନ ତଳେ ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନରେ ଆସିଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତଙ୍କୁ ଆନ୍ଦୋଳନରତ କର୍ମଚାରୀମାନେ ତାଲା ପକାଇ ଦେଇଥିଲେ। ଏହି ଆନ୍ଦୋଳନ ଯୋଗୁ ସେବା ବାଧାପ୍ରାପ୍ତ ହେଉଛି। ଚାରିଆଡ଼େ ଆବର୍ଜନା ପଡ଼ି ରହିଥିବାବେଳେ ୱାର୍ଡ ଓ ଶୌଚାଳୟ ସଫା କରାଯାଉ ନ ଥିବା ରୋଗୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ହୋଇଥିବା ସିଡିଏମ୍‌ଓ ନୀଳକଣ୍ଠ ମିଶ୍ର କହିଛନ୍ତି।

## ଜାନୁୟାରୀରୁ କଣାସ କେନାଲରେ ଜଳ ଯୋଗାଣ

କଣାସ, ୯।୧୨(ସ୍ୱ.ପ୍ର.)

ପୁରୀ ଜିଲା କଣାସ ବ୍ଲକରେ ଯାଇଥିବା କଣାସ କେନାଲରେ ଚଳିତବର୍ଷ ରବିଚାଷପାଇଁ ଜାନୁୟାରୀ ଶେଷ ସପ୍ତାହରୁ ଜଳ ଯୋଗାଣ କରାଯିବ ବୋଲି କଣାସ ଜଳ ସେଚନବିଭାଗର ସହକାରୀ ଯନ୍ତ୍ରୀ ମକରା ବେହେରାଙ୍କ ସୂଚନା ଦେଇଛନ୍ତି। ଖବର ନେବାରେ ଜଣାପଡିଛିଯେ, ଫନୀ ଏବଂ ବହୁଳ ବର୍ଷାଯୋଗୁ କଣାସ ବ୍ଲକରେ ଶାରଦ ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାବେଳେ ଚାଷୀମାନେ ଖରାଟିଆ ଧାନଚାଷ କରିବାପାଇଁ ଚାତକପରି ଚାହିଁ ରହିଛନ୍ତି। ଏ ନେଇ ସରକାରୀ ସ୍ତରରେ ନିଷ୍ପତ୍ତି ହୋଇଥିବା ସହକାରୀ ଯନ୍ତ୍ରୀ ପ୍ରକାଶ କରିଛନ୍ତି।

## କାମରେ ଲାଗୁନି ଶୌଚାଳୟ

ବ୍ରହ୍ମଗିରି, ୯।୧୨(ଡି.ଏନ୍.ଏ.)

ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ପୁରୀ ଜିଲାପାଳ ଆରମ୍ଭ କରିଛନ୍ତି ମୋ ବିଚ୍ କାର୍ଯ୍ୟକ୍ରମ। ଏ ନେଇ ବେଳାଭୂମି ଆରମ୍ଭକରି ପର୍ଯ୍ୟଟନସ୍ଥଳୀ ସବୁଠି ଚାଲିଛି ସଫେଇ। ଏହାସହ ପର୍ଯ୍ୟଟନସ୍ଥଳୀ ପରିଷ୍କାର ରଖିବା ପାଇଁ ସଚେତନ କରାଯାଉଛି। ବ୍ରହ୍ମଗିରିର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ହେଉଛି ମା' ବାଲିହରଚଣ୍ଡୀ ପୀଠ। ସମୁଦ୍ର ଉପକୂଳ ନିକଟରେ ବିସ୍ତୀର୍ଣ୍ଣ ବାଲୁକାସ୍ତୁପ ଓ ଘଞ୍ଚ ଜଙ୍ଗଲ ପରିବେଶ ପର୍ଯ୍ୟଟକଙ୍କୁ ଏଠାକୁ ଆକୃଷ୍ଟ କରିଥାଏ। ଏଠାକାର ପରିବେଶର ରକ୍ଷଣାବେକ୍ଷଣ ବନ ବିଭାଗ ଉପରେ ନ୍ୟସ୍ତ ରହିଛି। ପର୍ଯ୍ୟଟକଙ୍କ ସୁବିଧା ପାଇଁ ବନ ବିଭାଗ ଅର୍ଥ ବ୍ୟୟକରି ବାଲିହରଚଣ୍ଡୀ ପୀଠରେ ଏକ ଶୌଚାଳୟ ନିର୍ମାଣ କରିଛି,



ଯାହାର ଲକ୍ଷ୍ୟ ରହିଥିଲା ପର୍ଯ୍ୟଟକଙ୍କ ସୁବିଧା ଏବଂ ପରିବେଶ ସୁରକ୍ଷା। ମାତ୍ର ଶୌଚାଳୟ ମଧରେ କୁଢ଼ କୁଢ଼ ଆବର୍ଜନା ପଡିରହିଥିବା ସମୟରେ କୁକୁର ମୃତଦେହ ପଡିଥିବାରୁ ଏହା ବ୍ୟବହାର ଅନୁପଯୋଗୀ ହୋଇପଡିଛି। ଫଳରେ ପର୍ଯ୍ୟଟକମାନେ ଏହାକୁ ବ୍ୟବହାର କରିପାରୁନାହାନ୍ତି। ଏଥିଲାଗି ସେମାନଙ୍କ ମଧରେ ଅସନ୍ତୋଷ ସୃଷ୍ଟି ହେଉଛି।

# 'କାଳିଆ' ଟଙ୍କା ପାଇବାରୁ ବହୁ ଚାଷୀ ବଞ୍ଚିତ

■ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ନ ମିଳିଲେ ଆନ୍ଦୋଳନ

କଣାସ, ୯।୧୨(ସ୍ୱ.ପ୍ର.)

ପୁରୀ ଜିଲା କଣାସ ବ୍ଲକରେ ବହୁ ଚାଷୀ କାଳିଆ ଯୋଜନା ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ସେମାନଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ତରବରିଆ ଭାବେ ଅନେକ ବ୍ୟକ୍ତିଙ୍କ ଖାତାକୁ କାଳିଆ ଯୋଜନା ଟଙ୍କା ପଠାଇ ଦେଇଥିଲେ। ତେବେ ସେହି ଟଙ୍କା ପାଇଥିବା ବ୍ୟକ୍ତିଙ୍କ ମଧରୁ ଅଧିକାଂଶ ପ୍ରକୃତ ଚାଷୀ ବା ଯୋଗ୍ୟ ହିତାଧିକାରୀ ନୁହନ୍ତି ବୋଲି ଏବେ ଜଣାପଡ଼ିଲାଣି। ଅନ୍ୟପଟେ ପ୍ରକୃତ ଚାଷୀ ଏହି ଟଙ୍କା ପାଇ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ କାଳିଆ ଯୋଜନା ଟଙ୍କା ଦିଆଯିବ ବୋଲି ରାଜ୍ୟ ସରକାର କହୁଥିବାବେଳେ ବାସ୍ତବ ପକ୍ଷେ ଅନେକ ଯୋଗ୍ୟ ହିତାଧିକାରୀ ଏହି ଟଙ୍କା ପାଇନାହାନ୍ତି। କେଉଁ ଆଧାରରେ କାଳିଆ ଟଙ୍କା ଦିଆଯାଉଛି ସେ ନେଇ ଚାଷୀମାନେ ଏପର୍ଯ୍ୟନ୍ତ ଅନ୍ଧାରରେ ରହିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଗୋଟିଏ ପରିବାରର ବାପ, ମା, ପୁଅ ଓ ବୋହୂଙ୍କୁ କାଳିଆ ଟଙ୍କା ଦିଆଯାଇଛି। ଯେଉଁ ଅଯୋଗ୍ୟ ହିତାଧିକାରୀ ପ୍ରଥମ କିସ୍ତି ଟଙ୍କା ପାଇଛନ୍ତି ସେମାନଙ୍କୁ ଚିହ୍ନଟ କରି ଟଙ୍କା ଫେରସ୍ତ ନିଆଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଥିବାବେଳେ ଏବେ ଦ୍ୱିତୀୟ କିସ୍ତି ଟଙ୍କା ପୁନର୍ବାର ସେମାନଙ୍କୁ ମିଳିବା ପ୍ରଶାସନର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ପ୍ରକୃତ ଚାଷୀ ଚିହ୍ନଟ ପ୍ରକ୍ରିୟା କେବେ ହେବ ବୋଲି ମଧ ପ୍ରଶ୍ନ ଉଠିଛି। ଯେଉଁମାନେ ସମବାୟ ସମିତିରୁ ଋଣ ନିଅନ୍ତି ଓ ଅମଳ ଧାନକୁ ସେଠାରେ ବିକ୍ରି କରନ୍ତି ସେମାନଙ୍କ ନାମ ସମିତି ରେକର୍ଡରେ ରହିଛି। ମାତ୍ର କାଳିଆ ଯୋଜନା କ୍ଷେତ୍ରରେ ସେମାନଙ୍କୁ ହିସାବକୁ ନିଆ ନ ଯାଇ କେତେକ ଅଣଚାଷୀଙ୍କୁ ଟଙ୍କା ଦେଇ ସରକାର ଏହାକୁ ପାଣିରେ ପକାଇଲେ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ସେହିପରି କାଳିଆ ଯୋଜନାରେ ଟଙ୍କା ପାଇଥିବା ଲୋକଙ୍କ ତାଲିକା ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଦେଇଥିବାରୁ ପ୍ରଧାନମନ୍ତ୍ରୀ କିଶାନ ଯୋଜନାରେ ମଧ ସେମାନଙ୍କୁ ୨ହଜାର ଟଙ୍କା ଲେଖାଏ ମିଳି ସାରିଲାଣି। ଏଭଳି ସ୍ଥିତିରେ କାଳିଆ ଯୋଜନାରେ ଆଦୌ ଟଙ୍କା ପାଇପାରି ନ ଥିବା ଚାଷୀ ଏବେ ଭକୁଆ ହେବା ସାର ହୋଇଛି। କାଳିଆ ଯୋଜନାରୁ ବଞ୍ଚିତ କରି ସରକାର ଚାଷୀଙ୍କୁ ପ୍ରତାରଣା କରିଛନ୍ତି ବୋଲି କଣାସ ବ୍ଲକର ବହୁ ଚାଷୀ କହିଛନ୍ତି। ପ୍ରକୃତ ଚାଷୀଙ୍କୁ କାଳିଆ ଯୋଜନା ଟଙ୍କା ନ ମିଳିଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।